
ବର୍ଷ-୨୬, ସଂଖ୍ୟା-୩୦୮
ଭୁବନେଶ୍ୱର
ନଭେମ୍ବର, ୧୮, ୨୦୨୬ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 308
Bhubaneswar
November,18, 2026, Wednesday
Page-08, Rs.: 2.00

ମହାଭାରତ
Mahabharat

RNI Regd. No.: ODIODI2000/03863
Website : www.mahabharataepaper.com



ଭଲ କାହାଣୀ ଅପେକ୍ଷାରେ ଅଦିତି

ଆଜିଠୁ ଶୀତ ଅଧିବେଶନ, ଗୃହ ହେବ ସରଗରମ

- ଆସିବ ଅତିରିକ୍ତ ବଜେଟ
- ସରକାରଙ୍କୁ ଘେରିବାକୁ ବିରୋଧୀଙ୍କ ରଣନୀତି
- ତଥ୍ୟ ସହ ଜବାବ ଦେବ ଶାସକ ଦଳର ସଜବାଜ

ଭୁବନେଶ୍ୱର,୧୭।୧୧(ମହାଭାରତ): ଆସନ୍ତାକାଲିଠୁ ବିଧାନସଭାର ଶୀତ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ଅଧିବେଶନର ପ୍ରଥମ ଦିନରେ ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ଅତିରିକ୍ତ ବଜେଟ୍ ଉପସ୍ଥାପନ ହେବ। ଡିସେମ୍ବର ୩।୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଶୀତ ଅଧିବେଶନ ପୂର୍ବରୁ ଆଜି ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି। ଅନ୍ୟପକ୍ଷରେ ବିଜେଡି, କଂଗ୍ରେସ ଓ ବିଜେପି ଆଜି ପୃଥକ୍ ପୃଥକ୍ ଭାବେ ବିଧାୟକ ଦଳ ବୈଠକ ଡାକି ନିଜର ରଣନୀତି ପ୍ରସ୍ତୁତ କରିଛନ୍ତି।

ଆଜି ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ଗୃହ କାର୍ଯ୍ୟକୁ ସୁରୁଖୁରୁରେ ଚଳାଇବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ବୈଠକ ପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି ଯେ, ବିରୋଧୀ ଦଳ ତରଫରୁ ଆସୁଥିବା ଓଡ଼ିଶାର ସ୍ୱାର୍ଥ ସମ୍ବଳିତ ସମସ୍ତ ବିଷୟବସ୍ତୁ ଓ ସରକାରଙ୍କ ପକ୍ଷରୁ ଆଗତ ହେବାକୁ ଥିବା ପ୍ରସଙ୍ଗ ଉପରେ ଗୃହରେ ଆଲୋଚନା କରାଯିବ।

ବର୍ତ୍ତମାନସୁଦ୍ଧା ବିଧାନସଭାକୁ ବିଭିନ୍ନ ବିଭାଗର ୫ଟି ବିଲ୍ ହସ୍ତଗତ ହୋଇଥିବାବେଳେ ବିଜନେସ୍ ଆଡଭାଇଜରି କମିଟି ପୁଣିଥରେ ବସି ଏଥିପାଇଁ ସମୟ ନିର୍ଦ୍ଧାରଣ କରିବ।ବାଚସ୍ପତି ଯେଉଁ ବିଷୟକୁ ପ୍ରାଥମିକତା ଦେବେ, ତାହା ଉପରେ ଆଲୋଚନା କରିବା ପାଇଁ ସରକାର ପ୍ରସ୍ତୁତ ଥିବା ଶ୍ରୀ ମହାଲିଙ୍ଗ କହିଛନ୍ତି।

ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି ଯେ, ବନ୍ୟା ପରିଚାଳନାରେ ସରକାରଙ୍କ ବିଫଳତା ରାଜ୍ୟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଥିବାରୁ ଅନ୍ୟ ସମସ୍ତ କାର୍ଯ୍ୟକ୍ରମ ବାତିଲ କରି ଏହା ଉପରେ ଆଲୋଚନା କରିବା ପାଇଁ ବିଜେଡି ପକ୍ଷରୁ ମୋସନ୍ ଦିଆଯାଇଛି।

ଅନ୍ୟପକ୍ଷରେ ଶଙ୍ଖଭବନରେ ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଧାୟକ ଦଳ ବୈଠକରେ ରାଜ୍ୟ ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ ଘେରିବାକୁ ନିଷ୍ପତ୍ତି ହୋଇଛି। ନବୀନ ପଟ୍ଟନାୟକ ଅଭିଯୋଗ କରିଛନ୍ତି ଯେ, ଗତ ଅଢେଇ ବର୍ଷ ମଧ୍ୟରେ ଡବଲ୍ ଇଞ୍ଜିନ୍ ସରକାର ଲୋକଙ୍କ ବିଶ୍ୱାସ ହରାଇଛି। ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲ୍ଲାରେ ଘଟିଥିବା ମନୁଷ୍ୟକୃତ ବନ୍ୟା ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଓଡ଼ିଶାର ଛବିକୁ ମଳିନ କରିବା ସହ ସରକାରଙ୍କ ଅପାରଗତାକୁ ପଦାରେ ପକାଇଛି। ଗତ ଅଗଷ୍ଟ ୧୩ ତାରିଖରେ ସଂସଦରେ ପାରିତ ହୋଇଥିବା ଏମଏମଡିଆର ସଂଶୋଧନ ଆଇନ ଓଡ଼ିଶା ପାଇଁ ଏକ କଳା ଦିନ ଥିଲା। ଏହାଦ୍ୱାରା ଓଡ଼ିଶା ନିଜର ଖଣିଜ ସମ୍ପଦ ଉପରେ ଅଧିକାର ହରାଇବା ସହ ପ୍ରତିବର୍ଷ ହଜାର ହଜାର କୋଟି ଟଙ୍କାର ରାଜସ୍ୱ ହରାଇବ ବୋଲି ସେ କହିଛନ୍ତି। ଏହାବ୍ୟତୀତ କୋଟିଆ ସମସ୍ୟା, ମଣ୍ଡି ଅବ୍ୟବସ୍ଥା ଓ ଧାନ ସଂଗ୍ରହରେ ବିଳମ୍ବ, ଏଫସିଆଇ ଦ୍ୱାରା ଚାଉଳ ନଉଠିବା, କଲେଜ ନିର୍ବାଚନରେ ହେରଫେର, ଦରଦାମ୍ ବୃଦ୍ଧି, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଓ ଗତ ୬ମାସ ଧରି ସାମାଜିକ ସୁରକ୍ଷା ଭତ୍ତା ନମିଳିବା କାରଣରୁ ହିତାଧିକାରୀଙ୍କ ଆତ୍ମହତ୍ୟା ଭଳି ପ୍ରସଙ୍ଗକୁ ନେଇ ବିଜେଡି ଗୃହରେ ସ୍ୱର ଶାଣିତ କରିବ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।



ସେହିପରି କଂଗ୍ରେସ ବିଧାୟକ ଦଳ ବୈଠକରେ ମଧ୍ୟ ସରକାରଙ୍କୁ ଘେରିବା ପାଇଁ ରଣନୀତି ପ୍ରସ୍ତୁତ ହୋଇଛି। ବୈଠକ ପରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ଓ ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି ଯେ, ଡବଲ୍ ଇଞ୍ଜିନ୍ ଓ ଟ୍ରିପଲ୍ ଇଞ୍ଜିନ୍ ସରକାର ଥାଇ ମଧ୍ୟ କୋଟିଆରେ ଆନ୍ଧ୍ରପ୍ରଦେଶର ଅନୁପ୍ରବେଶ ରୋକିବାରେ ରାଜ୍ୟ ସରକାର ନରମ ମନୋଭାବ ପୋଷଣ କରୁଛନ୍ତି। କୋଟିଆ ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ ହୋଇଥିବାରୁ ଏହାର ସୁରକ୍ଷା ପାଇଁ ସର୍ବଦଳୀୟ ଏକତା ଆବଶ୍ୟକ ବୋଲି କଂଗ୍ରେସ ମତ ରଖିଛି। ଏହାସହିତ ରାଜ୍ୟରେ ବନ୍ୟା ନିୟନ୍ତ୍ରଣରେ ବିଫଳତା, ଅହେତୁକ ଦରଦାମ୍ ବୃଦ୍ଧି, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ଶିକ୍ଷା ଓ ସ୍ୱାସ୍ଥ୍ୟ ସମସ୍ୟା, ଏମଏମଡିଆର ଆଇନ ଓ ପେସା ରୁଲସ୍ କାର୍ଯ୍ୟକାରୀ ନହେବା ଯୋଗୁଁ ଆଦିବାସୀମାନେ ସେମାନଙ୍କ ଜଙ୍ଗଲ, ଜମି ଓ ପାଣିର ଅଧିକାରରୁ ବଂଚିତ ହେବା ଭଳି ପ୍ରସଙ୍ଗକୁ ନେଇ କଂଗ୍ରେସ ବିଧାନସଭାରେ ଏକଜୁଟ ହୋଇ ଲଢେଇ କରିବ ବୋଲି ଦଳ ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷରେ ବିରୋଧୀଙ୍କ ରଣନୀତିକୁ କାଉଣ୍ଟର କରିବା ପାଇଁ ଶାସକ ବିଜେପି ବିଧାୟକ ଦଳ ବୈଠକରେ ବ୍ରେ-ପ୍ରିଣ୍ଟ ପ୍ରସ୍ତୁତ ହୋଇଛି। ବୈଠକ ପରେ ମନ୍ତ୍ରୀ ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି ଯେ, ବିଧାନସଭାରେ ବିରୋଧୀ ଦଳର ପ୍ରତ୍ୟେକ ପ୍ରଶ୍ନ ଓ ଅଭିଯୋଗର ତଥ୍ୟ ଓ ପ୍ରମାଣ ସହ ଜବାବ ଦେବାକୁ ସରକାରୀ ଦଳ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ବିରୋଧୀ ଦଳ ଯଦି କୌଣସି ଭ୍ରମାତ୍ମକ କିମ୍ବା ଅସତ୍ୟ ତଥ୍ୟ ଆଧାରରେ ପ୍ରସଙ୍ଗ ଉଠାନ୍ତି, ତେବେ ସରକାରଙ୍କ ପକ୍ଷରୁ ତାହାର ସତ୍ୟାସତ୍ୟ ଗୃହରେ ରଖାଯିବ।

ବିଶେଷକରି ବାତ୍ୟା ଓ ବନ୍ୟା ମୁକାବିଲାରେ ସରକାରଙ୍କ ପଦକ୍ଷେପ ଓ ସଫଳତା, ଗଞ୍ଜାମ, ଫୁଲବାଣୀ ଓ ଗଜପତି ଜିଲ୍ଲାର ପ୍ରଭାବିତ ପରିବାରଙ୍କୁ ସହାୟତା ପ୍ୟାକେଜ୍ ପ୍ରଦାନ, କୃଷି କ୍ଷୟକ୍ଷତି, ପଶୁପାଳନ, ସ୍ୱାସ୍ଥ୍ୟ ସେବା, ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇ ଦେବା ଭଳି ସରକାରଙ୍କ ଉପଲବ୍ଧିକୁ ଗୃହରେ ଉପସ୍ଥାପନ କରାଯିବ। ଉଭୟ ଶାସକ ଓ ବିରୋଧୀ ଦଳର ଏଭଳି ଆଭିମୁଖ୍ୟକୁ ଦେଖିଲେ ଆସନ୍ତାକାଲିଠାରୁ ଆରମ୍ଭ ହେବାକୁ ଥିବା ବିଧାନସଭାର ଶୀତକାଳୀନ ଅଧିବେଶନ ବେଶ୍ ସରଗରମ ହେବାର ସମ୍ଭାବନା ରହିଛି।

କ୍ୱାଡ୍ ଏକ ସଂଗଠନ ନୁହେଁ, ଏକ ନିର୍ଭରଯୋଗ୍ୟ ସମାଧାନ

ନୂଆଦିଲ୍ଲୀ : ଫିଲିପାଇନ୍ସର ରାଜଧାନୀ ମନିଲାରେ କ୍ୱାଡ୍ ନେତାଙ୍କ ସମ୍ମିଳନୀ ଅନୁଷ୍ଠିତ ହେଉଛି । ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, 'ଭାରତ ପାଇଁ, କ୍ୱାଡ୍ ଏକ ଗଠନମୂଳକ ଏବଂ ବିଶ୍ୱସ୍ତ ସହଭାଗୀତା । ସାମୁଦ୍ରିକ ସୁରକ୍ଷା ଠାରୁ ବିଶ୍ୱସ୍ତ ଯୋଗାଣ ଶୃଙ୍ଖଳ, ନୂତନ ପ୍ରଯୁକ୍ତିବିଦ୍ୟା ଠାରୁ ବିପର୍ଯ୍ୟୟ ପରିଚାଳନା ପର୍ଯ୍ୟନ୍ତ, ଆମର ପ୍ରୟାସ ରହିଛି ଯେ କ୍ୱାଡ୍ ନିର୍ଭରଯୋଗ୍ୟ ସମାଧାନ ପ୍ରଦାନ କରେ ।'

କ୍ୱାଡ୍ ନେତାଙ୍କ ସହ ତାଙ୍କ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, 'ମୁଁ ଆପଣ ମାନଙ୍କୁ ସମସ୍ତଙ୍କୁ ଭେଟି ଅତ୍ୟନ୍ତ ଖୁସି । ମାନିଲା ଏବଂ କ୍ୱାଡ୍ ମଧ୍ୟରେ ଏକ ଦୀର୍ଘ ଏବଂ ବିଶେଷ ସମ୍ପର୍କ ରହିଛି । ୨୦୦୭ ମସିହାରେ, ଚାରି ଦେଶର ଅଧିକାରୀ ମାନେ ପ୍ରଥମ ଥର ପାଇଁ ଏହି ସ୍ଥାନରେ ସାକ୍ଷାତ କରିଥିଲେ । ଦଶ ବର୍ଷ ପରେ, ୨୦୧୭ ମସିହାରେ, ଆମେ ଏହି ସହରରେ ଆମର ଆଲୋଚନା ପୁନର୍ବାର ଆରମ୍ଭ କରିଥିଲୁ । ଆଜି, ଏହି ଐତିହାସିକ ସହରରେ ପୁଣି ଥରେ କ୍ୱାଡ୍ ବୈଠକ ଆୟୋଜନ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ । ଗତ ବର୍ଷ ଜାନୁଆରୀ ମାସରୁ, ଆମର ବୈଦେଶିକ ମନ୍ତ୍ରୀ ମାନେ ପାଞ୍ଚ ଥର ସାକ୍ଷାତ କରିଛନ୍ତି । ଏହା ଆମର ରାଜନୈତିକ ଇଚ୍ଛାଶକ୍ତି ଏବଂ ଆମର ସହଭାଗୀତା ପ୍ରତି ସମାନ ପ୍ରତିବଦ୍ଧତାର ପ୍ରମାଣ ।'ପ୍ରଧାନମନ୍ତ୍ରୀ ମୋଦି ଏହି ଗୋଷ୍ଠୀକୁ ଆଗକୁ ବଢାଇବାରେ ନେତାଙ୍କ ନେତୃତ୍ୱ ଏବଂ ସମର୍ଥନକୁ ପ୍ରଶଂସା କରିଥିଲେ । ସେ ବିଶ୍ୱାସ ପ୍ରକାଶ କରିଥିଲେ ଯେ ଏହି ବୈଠକ କ୍ୱାଡ୍ ସହଯୋଗର ପରବର୍ତ୍ତୀ ପର୍ଯ୍ୟାୟ ପାଇଁ କଠିନ ଲକ୍ଷ୍ୟ ସ୍ଥିର କରିବାରେ ସହାୟକ ହେବ ।




ଏହି ସମୟରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶିଖର ସମ୍ମିଳନୀରେ କହିଥିଲେ, 'କ୍ୱାଡ୍ ନୌସେନା ସମ୍ପ୍ରତି ଜାପାନ ନିକଟରେ ୩୦ତମ ବାର୍ଷିକ ମାଲାବାର ମିଳିତ ନୌସେନା ଅଭ୍ୟାସ କରିଥିଲା, ଯେଉଁଠାରେ ଆମର ନୌସେନା ସବମେରିନ୍-ବିରୋଧୀ ଏବଂ ଭୂମି-ବିରୋଧୀ ଯୁଦ୍ଧ ଅଭ୍ୟାସ ସମାପ୍ତ କରିଛି । ଆଜିର ସମୟରେ ସବମେରିନ୍-ବିରୋଧୀ ଯୁଦ୍ଧ ଅଭ୍ୟାସ ବହୁତ ଗୁରୁତ୍ୱପୂର୍ଣ୍ଣ । ଆମେ ଦୀର୍ଘ ସମୟ ଧରି ଭୂମି-ବିରୋଧୀ ଯୁଦ୍ଧ ଅଭ୍ୟାସ କରିଆସୁଛୁ, କିନ୍ତୁ ସବମେରିନ୍-ବିରୋଧୀ ଅଭ୍ୟାସ କ୍ରମଶଃ ଗୁରୁତ୍ୱପୂର୍ଣ୍ଣ ହେବାରେ ଲାଗିଛି । ଆମର ବୁଡ଼ାଜାହାଜ ଅସାଧାରଣ; ଆମେ ବିଶ୍ୱର ସର୍ବୋତ୍ତମ ବୁଡ଼ାଜାହାଜ ନିର୍ମାଣ କରୁଛୁ । ବର୍ତ୍ତମାନ ଆମେ ଅଷ୍ଟ୍ରେଲିଆ ଏବଂ ଅନ୍ୟାନ୍ୟ ଦେଶ ସହିତ ଏହା ଉପରେ କାମ କରୁଛୁ । ଆମର ବୁଡ଼ାଜାହାଜ ବହୁତ ଆଧୁନିକ ।'ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଜାପାନୀ ପ୍ରଧାନମନ୍ତ୍ରୀ ତାକାଇଚିଙ୍କୁ ଉଲ୍ଲେଖ କରି ଟ୍ରମ୍ପ କହିଥିଲେ, 'ଏହି ଲୋକ ମାନଙ୍କ ସହିତ ଏବଂ ଏହି ଦେଶ ଗୁଡ଼ିକ ସହିତ ଆମର ଉତ୍କୃଷ୍ଟ ସମ୍ପର୍କ ଅଛି ।' ଆରମ୍ଭରୁ...ମୁଁ ଦୀର୍ଘ ସମୟ ଧରି ଏହି ତିନି ଜଣଙ୍କ ସହିତ ଅଛି, ଏବଂ ସେମାନେ ଆଶ୍ଚର୍ଯ୍ୟଜନକ ଲୋକ । ସେମାନେ ମୋର ବନ୍ଧୁ । ତେଣୁ ଏହା ସାହାଯ୍ୟ କରେ । 'ଯଥା, ସେ ବହୁତ କଠୋର ବ୍ୟକ୍ତି, ଏବଂ ସେ (ଜାପାନୀ ପ୍ରଧାନମନ୍ତ୍ରୀ) ହୁଏତ ଆହୁରି କଠୋର । ଆମେ ଠିକ୍ କରୁଛୁ ।'

କ୍ୱାଡର ଶକ୍ତି ବିଷୟରେ କହି ଟ୍ରମ୍ପ କହିଛନ୍ତି, 'ଏହା ଆମ ପାଇଁ ଏକ ମହାନ ବର୍ଷ ହୋଇଛି । କ୍ୱାଡର ପୁନର୍ଜନ୍ମ ହୋଇଛି, ଏବଂ ଆମର ସହଯୋଗ କେବଳ ବୃଦ୍ଧି ପାଇଛି, ଏବଂ ଆମର ବନ୍ଧୁତା ଆହୁରି ଗଭୀର ହୋଇଛି । ଆମେ ସମସ୍ତେ ବନ୍ଧୁ । ଏହା ଏକାଠି କାମ କରିବା ବହୁତ ସହଜ କରିଥାଏ । ଏହି ଦେଶ ଗୁଡ଼ିକ ସମଗ୍ର ବିଶ୍ୱରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସହଭାଗୀତାକୁ ପ୍ରତିନିଧିତ୍ୱ କରନ୍ତି । ଆମେ ବିଶ୍ୱର ସବୁଠାରୁ ସଫଳ ଦେଶମାନଙ୍କ ମଧ୍ୟରେ ଅଟୁ, ଏବଂ କିଛି ଉପାୟରେ, ସବୁଠାରୁ ଶକ୍ତିଶାଳୀ ଦେଶମାନଙ୍କ ମଧ୍ୟରେ ଅଟୁ । ଆମର ଦେଶଗୁଡ଼ିକ ଏକ ମୁକ୍ତ, ଖୋଲା, ସ୍ଥିର ଏବଂ ଅତ୍ୟନ୍ତ ସମୃଦ୍ଧ ଭାରତ-ପ୍ରଶାନ୍ତ ମହାସାଗର କ୍ଷେତ୍ରର ଚାରିଟି ସ୍ତମ୍ଭ । ଆମର ଏକ ଉତ୍କୃଷ୍ଟ ସମ୍ପର୍କ ଅଛି ଏବଂ ଆମେ ଆଞ୍ଚଳିକ ସୁରକ୍ଷା ଏବଂ ଆର୍ଥିକ କୂଟନୀତି ପ୍ରସଙ୍ଗରେ ଏକତ୍ର ସମନ୍ୱୟ ରଖୁ ।'

ଓଡ଼ିଶା ଛୁଇଁବ ବାତ୍ୟାର ବାହ୍ୟ ବଳୟ

୧୪ ମିଟର ଉଚ୍ଚକୁ ଉଠିବ ସମୁଦ୍ର ଢେଉ, ୭୦ କି.ମି. ବେଗରେ

ଭୁବନେଶ୍ୱର, ୧୭।୧୧ (ମହାଭାରତ): ବଙ୍ଗୋପସାଗରରେ ଅତି ମନ୍ଥର ଗତିରେ ଘଣ୍ଟା ପ୍ରତି ୩ କି.ମି. ବେଗରେ ଆଗକୁ ବଢୁଛି ବାତ୍ୟା 'ଅକ୍ୱାନ'। ବୁଧବାର ଏହା ଆହୁରି ଶକ୍ତିଶାଳୀ ହୋଇ ଭୀଷଣ ବାତ୍ୟା ଏବଂ ୧୯ ତାରିଖ ସକାଳ ସୁଦ୍ଧା ଅତି ଭୀଷଣ ବାତ୍ୟାରେ ପରିଣତ ହେବ। ପରେ ବାତ୍ୟା ଉତ୍ତର-ଉତ୍ତରପଶ୍ଚିମ ଦିଗକୁ ଗତି କରି ୨୦ ତାରିଖ ଶୁକ୍ରବାର ଦ୍ୱିପ୍ରହର ବେଳକୁ ଆନ୍ଧ୍ରପ୍ରଦେଶର ନେଲ୍ଲୋର ଏବଂ ଚୁନି ଉପକୂଳ ମଧ୍ୟରେ ସ୍ଥଳଭାଗ ଅତିକ୍ରମ କରିବ। ଏହି ସମୟରେ ପବନର ସର୍ବାଧିକ ବେଗ ୧୪୫ କିମି ରହିବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍ଡି) ଡିଜି ମୃତ୍ୟୁଞ୍ଜୟ ମହାପାତ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଲ୍ୟାଣ୍ଡଫଲ୍ ପରେ ବାତ୍ୟା ଆଗକୁ ବଢ଼ିବା ସମୟରେ ଏହା କ୍ରମଶଃ ଦୁର୍ବଳ ହେବ ଓ ବାତ୍ୟାର ବାହ୍ୟ ବଳୟ ଓଡ଼ିଶାକୁ ଛୁଇଁବ। ବିଶେଷକରି ମାଲକାନଗିରି, କୋରାପୁଟ, ନବରଙ୍ଗପୁର ଜିଲା ବିଶେଷ ପ୍ରଭାବିତ ହେବାର ଆଶଙ୍କା ରହିଛି। ଏହାପୂର୍ବରୁ ଅର୍ଥାତ୍ ୧୮ ତାରିଖ ସନ୍ଧ୍ୟା ପରେ ଓଡ଼ିଶାରେ ପବନର ବେଗ ବଢିବ। ୨୦ ତାରିଖ ଅପରାହ୍ନ ପର୍ଯ୍ୟନ୍ତ ସର୍ବାଧିକ ପବନର ବେଗ ୭୦ କି.ମି. ରହିବା ନେଇ ଆକଳନ କରାଯାଇଛି। ସେହିପରି ୧୯ ଓ ୨୦ ତାରିଖରେ ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ପାଇବ। ବିଶେଷକରି ଆନ୍ଧ୍ରକୁ ଲାଗି ରହିଥିବା ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲା ଏବଂ ଉପକୂଳବର୍ତ୍ତୀ ଜିଲାଗୁଡିକରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଲାଗି ରହିବ। ଭୀଷଣ ବାତ୍ୟା ସମୟରେ ସମୁଦ୍ର ଅଶାନ୍ତ ରହିବା ସହିତ ତରଙ୍ଗର ଉଚ୍ଚତା ୧୨ ମିଟର ଏବଂ ଅତି ଭୀଷଣ ବାତ୍ୟା ସମୟରେ ତରଙ୍ଗର ଉଚ୍ଚତା ୧୪ ମିଟରରୁ ଅଧିକ ହୋଇପାରେ। ତେଣୁ ଏହି ସମୟରେ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ଯିବା ଉଚିତ ନୁହେଁ ବୋଲି ଆଇଏମ୍ଡି ଡିଜି ସୂଚନା ଦେଇଛନ୍ତି।



ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ବୁଧବାରଠାରୁ ୪ଦିନ ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳ ବର୍ଷା ଲାଗି ରହିବ। ଗଜପତି, ଗଞ୍ଜାମ ଓ ପୁରୀ ଜିଲାରେ ପ୍ରବଳ ବର୍ଷା ଏବଂ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, କେନ୍ଦୁଝର, ମୟୂରଭଞ୍ଜ, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲାକୁ ଝଡ଼ବର୍ଷା ସହ ୫୦ କି.ମି. ବେଗରେ ପବନ ବହିବା ନେଇ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ଗୁରୁବାର ୧୯ ତାରିଖରେ କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଗଜପତି, ଗଞ୍ଜାମ, ପୁରୀ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ଅରେଞ୍ଜ ୱାର୍ନିଂ ଏବଂ ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବୌଦ୍ଧ, କନ୍ଧମାଳ, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଖୋର୍ଦ୍ଧା, ନୟାଗଡ଼ ଜିଲାକୁ ପ୍ରବଳ ବର୍ଷା ପାଇଁ ୟେଲୋ ୱାର୍ନିଂ ଦିଆଯାଇଛି। ୨୦ ତାରିଖ ପାଇଁ ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି ଏବଂ ଗଞ୍ଜାମ ଜିଲାକୁ ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ଅରେଞ୍ଜ ୱାର୍ନିଂ ଏବଂ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ମୟୂରଭଞ୍ଜ, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଅନୁଗୋଳ, ଢେଙ୍କାନାଳ, ସୁବର୍ଣ୍ଣପୁର, ନୂଆପଡ଼ା, ବଲାଙ୍ଗୀର ଜିଲାକୁ ୟେଲୋ ୱାର୍ନିଂ ଦିଆଯାଇଛି।

ରୁଷରେ ବିମାନ ଦୁର୍ଘଟଣା, ୧୭ ମୃତ

ମସ୍କୋ,୧୭।୧୧: ରୁଷର କେମେରୋଭୋ ଅଞ୍ଚଳରେ ଏକ ବିବାନ ଏଏନ୍-୧୨ ଦୁର୍ଘଟଣାଗ୍ରସ୍ତ ହୋଇଛି, ଯେଉଁଥିରେ ୧୭ ଜଣ ଲୋକଙ୍କର ମୃତ୍ୟୁ ଘଟିଛି। ପ୍ରତକ୍ଷ୍ୟଦର୍ଶୀ ଏବଂ ସ୍ଥାନୀୟ ଗଣମାଧ୍ୟମର ରିପୋର୍ଟ ଅନୁସାରେ ବିମାନ ଉଡ଼ାଣ ସମୟରେ ମଝି ଆକାଶରେ ଅଚାନକ ନିଆଁ ଲାଗି ଯାଇଥିଲା। ଏହା ପରେ ବିମାନଟି ଆକାଶରୁ ଖସି ପଡ଼ି ମାଟି ଉପରେ ପଡ଼ିଥିଲା। ବିମାନଟି ମାଟି ଉପରେ ଖସିପଡ଼ିବା ପରେ ଏକ ବଡ଼ ବିସ୍ଫୋରଣ ଘଟିଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ବିମାନରେ ଥିବା କୌଣସି ବ୍ୟକ୍ତିଙ୍କୁ ଜୀବୀତ ଉଦ୍ଧାର କରାଯାଇ ପାରିଲା ନାହିଁ।

ରୁଷ ଗଣମାଧ୍ୟମର ରିପୋର୍ଟ ଅନୁସାରେ କେ ?ମୋରୋଭୋ ଅଞ୍ଚଳର ଗଭର୍ଣ୍ଣର ଇଲ୍ୟା ସେରେଡ୍ୟୁକ ସ୍ଥାନୀୟ ସମୟ ରାତି ୯ଟା ୩୦ରେ ଦୁର୍ଘଟଣା ସଂପର୍କିତ ସୂଚନା ପ୍ରଦାନ କରିଛନ୍ତି। ବିମାନରେ ନିଆଁ ଲାଗି ଯାଇଥିଲା ଏବଂ କ୍ରୁ ସଦସ୍ୟ ଜଳନ୍ତା ବିମାନକୁ ଜନବସତି ଠାରୁ ଦୂରରେ ଥିବା ସ୍ଥାନରେ ଅବତରଣ କରିବା ପାଇଁ ଉଦ୍ୟମ କରିଥିଲେ। ସେ ଚାହୁଁଥିଲେ ଜନସାଧାରଣଙ୍କ ଧନଜୀବନ ନଷ୍ଟ ନହେଉ। ଏହି ବିମାନଟି ସାଇବେରିଆର ନୋଭୋସିବିଷ୍କର୍ରୁ କ୍ରାସ୍ନୋୟାରଷ୍କ କ୍ରାଇର କାଂସକ ଅଭିମୁଖେ ଯାଉଥିଲା।

ଯୁବ ଶକ୍ତିର ପ୍ରକୃତ ସାମର୍ଥ୍ୟ ହିଁ ଗଠନ କରିବ ସମୃଦ୍ଧ ଓଡ଼ିଶା : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୭।୧୧(ମହାଭାରତ): ସ୍ଥାନୀୟ କଳିଙ୍ଗ ଷ୍ଟାଡିଅମ ଠାରେ ମଙ୍ଗଳବାର ଆୟୋଜିତ ଯୁବ ମହ


ଇଲିସି ମାଛ ବାଟିବସା



ଆବଶ୍ୟକ ସାମଗ୍ରୀ: ଇଲିସି ମାଛ, ଲୁଣ, ହଳଦୀ, କଟା ପିଆଜ, କଟା କଞ୍ଚାଲଙ୍କା, ଧନିଆ। ପତ୍ର, କଟା ଟମାଟୋ, ଲଙ୍କା ଗୁଣ୍ଡ, ସେଥିରେ ଧଳା ସୋରିଷ, ଜୀରା, ଶୁଖିଲା ଲଙ୍କା ବଟା, ଧନିଆ। ଗୁଣ୍ଡ, ଲେମ୍ବୁରସ ଓ ସୋରିଷ ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ କଞ୍ଚା ଇଲିସି ମାଛକୁ ଭଲଭାବେ ଧୋଇ, ସେଥିରେ ଲୁଣ ଓ ହଳଦୀ ଗୋଳାଇ ରଖନ୍ତୁ। ଏହାପରେ ଇଲିସି ମାଛରେ କଟା ପିଆଜ, କଟା କଞ୍ଚାଲଙ୍କା, ଧନିଆ ପତ୍ର, କଟା ଟମାଟୋ ଓ ଲଙ୍କା ଗୁଣ୍ଡ ପକାନ୍ତୁ। ଏଥିସହ ସେଥିରେ ଧଳା ସୋରିଷ, ଜୀରା, ଶୁଖିଲା ଲଙ୍କା ବଟା, ଧନିଆ ଗୁଣ୍ଡ, ଲେମ୍ବୁରସ ଓ ସୋରିଷ ତେଲ ଦେଇ ଭଲଭାବେ ମ୍ୟାରିନେଟ କରି ରଖିଦିଅନ୍ତୁ। ବର୍ତ୍ତମାନ ଗ୍ୟାସରେ ଏକ ପାତ୍ର ଗରମ କରି ସେଥିରେ ମ୍ୟାରିନେଟ୍ ହୋଇଥିବା ମାଛ ପକାନ୍ତୁ ଓ ଅଳ୍ପ ପାଣି ଦିଅନ୍ତୁ। ବର୍ତ୍ତମାନ ଘୋଡ଼ଣୀ ଘୋଡ଼ାଇ ମୁହଁକୁ ଅଟା ଦ୍ୱାରା ବନ୍ଦ କରିଦିଅନ୍ତୁ। ୧୫ ରୁ ୨୦ ମିନିଟ୍ ଭିତରେ ପ୍ରସ୍ତୁତ ହୋଇଯିବ ସ୍ୱାଦିଷ୍ଟ 'ଇଲିସି ମାଛ ବାଟିବସା'।

ବିଦୁର ନୀତି: ଯେସାକୁ ତେସା



ମହାତ୍ମା ବିଦୁର ମହାଭାରତ ସମୟରେ ସବୁଠୁ ବଡ଼ ବୁଦ୍ଧିମାନ ବ୍ୟକ୍ତି ଥିଲେ । ସେ ବୁଦ୍ଧିମାନ ସହ ଦୂରଦର୍ଶୀ ମଧ୍ୟ ଥିଲେ । କୁହାଯାଏ ସମୟ ପୂର୍ବରୁ ଆସିବାକୁ ଥିବା ସଂକଟ ବିଷୟରେ ବିଦୁର ଲୋକଙ୍କୁ ଅବଗତ କରାଇ ଦେଉଥିଲେ । ଆଜି ଆମେ ଆପଣଙ୍କୁ ଏମିତି କିଛି ବିଦୁର ନୀତି ସମ୍ପର୍କରେ କହିବୁ ଯାହାକୁ ଅନୁସରଣ କଲେ ଜୀବନରେ କେବେ କିଛି ସମସ୍ୟା ଆସିବ ନାହିଁ । ବ୍ୟବହାର ବ୍ୟକ୍ତିର ଦର୍ପଣ ହୋଇଥାଏ । ବ୍ୟକ୍ତି କିପରି ତାହା ତାର ବ୍ୟବହାରରୁ ଜଣାଯାଇଥାଏ । ସେ ତାର ବନ୍ଧୁ, ସମ୍ପର୍କୀୟଙ୍କ ସହ କିପରି ବ୍ୟବହାର କରୁଛି ସେଥିରୁ ତାର ବ୍ୟକ୍ତିତ୍ୱ ବିଷୟରେ ଜଣାପଡେ । ମହାଭାରତ ସମୟରେ ମହାତ୍ମା ବିଦୁର ସବୁଠୁ ଜ୍ଞାନୀ ବ୍ୟକ୍ତି ଭାବେ ଜଣାଯାଆନ୍ତି । ମହାତ୍ମାଙ୍କ ଦ୍ୱାରା କୁହାଯାଇଥିବା କଥା ଯୁଗଯୁଗକୁ ପ୍ରେରଣା ହୋଇ ରହିଛି । ବିଦୁର ତାଙ୍କ ନୀତିରେ କହିଛନ୍ତି ଯେ ବ୍ୟକ୍ତି କେଉଁ ପ୍ରକାର ବ୍ୟବହାର କରିବା ଉଚିତ । ମହାତ୍ମା ବିଦୁର କହିଛନ୍ତି ଯେ ବ୍ୟକ୍ତିକୁ ଯେଶାକୁ ତେସା ବ୍ୟବହାର କରିବା ଉଚିତ । ଏହା ବ୍ୟକ୍ତିର ନୀତି ହେବା ଦରକାର । ଭଲ ଲୋକଙ୍କୁ ଭଲ ବ୍ୟବହାର ଓ ଖରାପ ଲୋକଙ୍କୁ ଖରାପ ବ୍ୟବହାର ଦେଖାଇବା ଉଚିତ। ଏମିତି କରିବା ଦ୍ୱାରା ବ୍ୟକ୍ତି ନିଜ ସହ ପରିବାରକୁ ବହୁ ପ୍ରକାର ଅସୁବିଧାରୁ ବଞ୍ଚାଇ ପାରିବେ । କାରଣ ଖରାପ ବ୍ୟକ୍ତି ନା ଆପଣଙ୍କ ଭଲ ଚାହିଁଥାଏ ନା ଆପଣଙ୍କ ପରିବାରର କଲ୍ୟାଣ ଚାହିଁଥାଏ । ସେ ସର୍ବଦା ଆପଣଙ୍କୁ ନିମ୍ନ ଭାବେ ଦେଖାଇବାକୁ ଚାହିଁଥାଏ । ସେହିପରି ଭଲ ବ୍ୟକ୍ତି ଆପଣଙ୍କ ସହ ସମସ୍ତଙ୍କ ଭଲ ଚାହିଁଥାନ୍ତି । ବିଦୁର ତାଙ୍କ ନୀତିବାଣୀରେ କହିଛନ୍ତି, ଯେଉଁ ବ୍ୟକ୍ତି ଭରସାର ଯୋଗ୍ୟ ନୁହେଁ ତା ଉପରେ କେବେ ବି ଭରସା କରିବା ଉଚିତ ନୁହେଁ । କାରଣ ଭରସା ଭାଙ୍ଗିଲେ ଅନର୍ଥ ହେବା ସୁନିଶ୍ଚିତ ହୋଇଥାଏ । ତେଣୁ ନିଜର ଗୁପ୍ତ କଥା ଅନ୍ୟ ଆଗରେ କେବେ ବି କହିବା କଥା ନୁହେଁ । ନଚେତ ଆଗରେ ଥିବା ବ୍ୟକ୍ତି ଏହାର ସୁବିଧା ନେଇ ଆପଣଙ୍କୁ ଅସୁବିଧାରେ ପକାଇ ପାରେ । ବିଦୁର ଆହୁରି କହିଛନ୍ତି, ବ୍ୟକ୍ତିକୁ ଧର୍ମ, ଅର୍ଥ ଇତ୍ୟାଦିରେ କେବେ ବି ଭୁଲକଥା କରିବା କଥା ନୁହେଁ । ସର୍ବଦା ସତ୍ୟ କହୁଥିବା ଓ ମିତ୍ର କଥାରେ ବିବାଦରୁ ଦୂରରେ ରହିଥାଏ । ଏହା ସହ ନିଜର ଅନାଦାର ହେଲେ ମଧ୍ୟ ଦୁଃଖ କରିନଥାଏ, ସେପରି ବ୍ୟକ୍ତିକୁ ଶ୍ରେଷ୍ଠ ବ୍ୟକ୍ତି କୁହାଯାଇଥାଏ । କାରଣ ଏପରି ବ୍ୟକ୍ତିଙ୍କ ନିକଟରେ ଧୈର୍ଯ୍ୟ ଓ ବୁଦ୍ଧି ଉଭୟର ଆବଶ୍ୟକ ହୋଇଥାଏ । ବିନା ବୁଦ୍ଧିରେ ଧର୍ମ ପାଳନ କରିବା ଓ ଟଙ୍କା ପଛରେ ଦଉଡିବା ମୂର୍ଖ ବ୍ୟକ୍ତିର କାମ ବୋଲି ବିଦୁର କହିଛନ୍ତି । ଏହା ସହ ଯେଉଁ ବ୍ୟକ୍ତି ଖରାପ ସମୟରେ ମଧ୍ୟ ନିରାଶ ହୋଇନଥାଏ, ଏହାକୁ ଦୃଢ଼ତାର ସହ ସାମନା କରିଥାଏ, ସେ ସୁଖୀ ହୋଇଥାନ୍ତି ।

ମଥାରେ ଓଢଣା ଦେଲେ ଦୂରେଇ ରହିଥାଏ ନକରାତ୍ମକ ଶକ୍ତି



ଦେଲେ ନକରାତ୍ମକ ଶକ୍ତି ଆପଣଙ୍କ ଠାରୁ ଦୂରେଇ ରହିଥାଏ। ବହୁବାର ଦେଖିବାକୁ ମିଳିଥାଏ ଯେ ଅଧିକାଂଶ ସମୟରେ ନାରୀମାନେ ନିଜର ଶାଢୀ ଅଥବା ଚୁନରୀକୁ ଓଢଣା ଦେଇ ଭଗବାନଙ୍କୁ ପୂଜାର୍ଚ୍ଚନା କଲେ ଆପଣ ପ୍ରଭୁଙ୍କୁ ଭକ୍ତିର ସହ ଆଦର, ସମ୍ମାନ ଦେଉଛନ୍ତି ବୋଲି କୁହାଯାଏ। ସେହିପରି ପରିବାରର ଗୁରୁଜନଙ୍କ ସମ୍ମୁଖରେ ଓଢଣା ଦେଲେ ତାଙ୍କୁ ସଠିକ ସମ୍ମାନ ଦେଉଛନ୍ତି ବୋଲି ମାନ୍ୟତା ରହିଛି। ମଥାରେ ଓଢଣା ପୂଜାର୍ଚ୍ଚନା ସମୟରେ ମଥାରେ ଓଢଣା ଦେବା ଦ୍ୱାରା ସକରାତ୍ମକ ଶକ୍ତି ପ୍ରବେଶ କରିବା ସହ ଏକାଗ୍ରତା ବୃଦ୍ଧି ପାଇଥାଏ। ପୂଜା ସଫଳ ହେବା ସହ ଶୁଭ ଫଳ ପ୍ରାପ୍ତି ହୋଇଥାଏ ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି।

ମନ୍ଦିରକୁ ଗଲେ ସେଠାରେ ମଥାରେ ଓଢଣା ଦେବା ପରମ୍ପରା ବହୁ ପୁରାତନ କାଳରୁ ଚଳି ଆସୁଛି।

ବାତ, ପିତ୍ତ, କଫ ଦୂର କରେ ଭସତ୍ରିକା ପ୍ରାଣାୟମ



ଭସତ୍ରିକା ପ୍ରାଣାୟମ୍ ଅଭ୍ୟାସଦ୍ୱାରା ଶରୀରର ବିଷାକ୍ତ ଦ୍ରବ୍ୟଗୁଡ଼ିକ ଜଳିଯାଏ ଏବଂ ବାତ, ପିତ୍ତ, କଫ ରୋଗରୁ ଶରୀର ମୁକ୍ତ ହୁଏ। ଫୁସଫୁସ ବାୟୁ ଶୀଘ୍ର ବିନିମୟ ହେବାଦ୍ୱାରା ରକ୍ତ ସ୍ରୋତରେ ମଧ୍ୟ ଅମ୍ଳଜାନ ଓ ଅଙ୍ଗାରକାମ୍ଳ ବିନିମୟରେ ବୃଦ୍ଧି ହୁଏ। ସ୍ତ୍ରୀ ଲୋକମାନେ ସନ୍ତାନ ଜନ୍ମ ସମୟରେ ଏହାକୁ ବ୍ୟବହାର କରିପାରିବେ। ଶ୍ୱାସ ରୋଗୀଙ୍କ ପାଇଁ ବା ଫୁସଫୁସ ଅନ୍ୟ ସମସ୍ୟା ଥିଲେ ଏହା ଏକ ଉତ୍ତମ ଅଭ୍ୟାସ। ଗଳାଫୁଲା ବା କଫ ଜମାହେଲେ କମାଇ ଦିଏ। ସ୍ନାୟୁ ତନ୍ତ୍ରରେ ଭାରସାମ୍ୟ ଆଣେ ଏବଂ ଶକ୍ତିଶାଳୀ କରେ, ମନ ଶାନ୍ତ ଓ ସ୍ମରଣ ଶକ୍ତି ବଢ଼ାଇଥାଏ ବୋଲି ଯୋଗୁ ଗୁରୁ ଗଣେଶ୍ୱର ଗୋଚ୍ଛିକାର କହନ୍ତି। ଏହି ଅଭ୍ୟାସ କରିବା ପାଇଁ ପ୍ରଥମେ;

(୧): ଯେ କୌଣସି ଆରାମଦାୟକ ଧ୍ୟାନାସନରେ ବସ, ପଦ୍ମାସନ ବା ଅର୍ଦ୍ଧ ପଦ୍ମାସନ ହେଲେ ମଧ୍ୟ ଭଲ। ହାତ ଆଣ୍ଠୁ ଉପରେ ଚିନ୍ ବା ଜ୍ଞାନ ମୁଦ୍ରାରେ ରହିବ।

(୨) ମୁଣ୍ଡ ଓ ମେରୁଦଣ୍ଡ ସିଧା ରଖନ୍ତୁ, ଆଖି ବନ୍ଦ କରନ୍ତୁ ଓ ପୂରା ଦେହଲା କରନ୍ତୁ।

(୩)ଗଭୀର ନିଶ୍ୱାସ ନିଅନ୍ତୁ ଏବଂ ଜୋରେ ନାକବାଟେ ଛାଡ଼ନ୍ତୁ।

(୪) ତା'ପରେ ସଙ୍ଗେ ସଙ୍ଗେ ଜୋରେ ନିଶ୍ୱାସ ନିଅନ୍ତୁ।

(୫) ନିଶ୍ୱାସ ନେଲାବେଳେ ମଧ୍ୟଛେଦ ତଳକୁ ଖସିବ ଏବଂ ପେଟ ପଦାକୁ ବାହାରିବ।

(୬) ଏହି ସବୁ ଗତି ସାମାନ୍ୟ ବର୍ଦ୍ଧିତ ଆକାରରେ ହେବ।

(୬)ଏହିପରି ଭାବେ ୧୦ ଗଣିବା ପର୍ଯ୍ୟନ୍ତ ନିଶ୍ୱାସ ଜାରି ରଖନ୍ତୁ।

(୭) ଦଶଥର ନିଶ୍ୱାସ ପରେ ଗଭୀର ନିଶ୍ୱାସ ନିଅନ୍ତୁ ଓ ଧୀରେ ଛାଡ଼ନ୍ତୁ।


(୮)ପ୍ରଥମେ ବାମ ନାସାରନ୍ଧ୍ରକୁ ବୁ। ଆଙ୍ଗୁଳିରେ ବନ୍ଦ କରି ନିଶ୍ୱାସ ନିଅନ୍ତୁ ଓ ଛାଡ଼ନ୍ତୁ ।

(୯): ସେହିପରି ଡାହାଣ ନାସାରନ୍ଧ୍ରରେ ନିଶ୍ୱାସ ନେଇ ଜୋରେ ଛାଡ଼ନ୍ତୁ।

(୧୦): ସେହିପରି ଦୁଇ ନାସାରନ୍ଧ୍ର ବାଟେ ଜୋରେ ୧୦ ଥର ନିଶ୍ୱାସ ନିଅନ୍ତୁ ଓ ଛାଡ଼ନ୍ତୁ

ଏହିପରି ବାରମ୍ବାର ଏହି ଅଭ୍ୟାସକୁ ଜାରି ରଖନ୍ତୁ।

ପାହାଡର ପାଦଦେଶରେ ବିଦ୍ୟମାନ ବାବା ଗୁପ୍ତେଶ୍ୱରଙ୍କ ପୀଠ



ପ୍ରାକୃତିକ ବୈଭବ ଓ ଐତିହରେ ଭରପୁର ବୌଦ୍ଧ ଜିଲ୍ଲା । ଜିଲ୍ଲାରେ ରହିଛି ଅନେକ କିମ୍ବଦନ୍ତୀ ଓ ପୁରାଣ କଥା ବହନ କରୁଥିବା ମନ୍ଦିର ଓ ପର୍ଯ୍ୟଟନସ୍ଥଳୀ ।ସେଥି ମଧ୍ୟରୁ ଜିଲ୍ଲାର ଉପାନ୍ତ ଅଞ୍ଚଳରେ ଥିବା କଞ୍ଚାମାଳ ବ୍ଲକ୍ ଉମା ପଞ୍ଚାୟତ ଅନ୍ତର୍ଗତ ରେଘମୁଣ୍ଡା ସ୍ଥିତ ଦେଢ଼ସୁର ଭାଇବୋହୂ ଭୀମ ପାହାଡ ଅନ୍ୟତମ । ପ୍ରାୟ ଦୁଇ ଶହ ଫୁଟ୍ ଉଚ୍ଚତାରେ ରହିଚି ଦୁଇଟି ପଥର । ଶ୍ରାବଣ ମାସରେ ଏଠାରେ ଥିବା ଗୁପ୍ତେଶ୍ୱର ବାବାଙ୍କ ଶୈବପୀଠ ଦର୍ଶନ କରିବା ସହ ପାହାଡ ଚଢ଼ିବାର ମଜା ନେଇଛନ୍ତି ଭକ୍ତ ଓ ପର୍ଯ୍ୟଟକ। ପାହାଡ଼ର ପାଦଦେଶ ତଳେ ପୂଜା ପାଉଛନ୍ତି ଦେବ ଦେବ ମହାଦେବ ଗୁପ୍ତେଶ୍ୱର ।ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଉମା ପଞ୍ଚାୟତର ରେଘମୁଣ୍ଡା ସ୍ଥିତ ଭୀମ ପାହାଡର ପାଦଦେଶରେ ବିଦ୍ୟମାନ ବାବା ଗୁପ୍ତେଶ୍ୱରଙ୍କ ପୀଠ । କିମ୍ବଦନ୍ତୀ ଅନୁସାରେ ପଞ୍ଚୁ ପାଣ୍ଡବ ଅଜ୍ଞାତବାସରେ ଥିବା ବେଳେ ଗୁପ୍ତରେ ଏଠାରେ ଶିବ ଉପାସନା କରୁଥିଲେ । ସେଇଥିପାଇଁ ବାବାଙ୍କ ନାମ ଗୁପ୍ତେଶ୍ୱର । ଏହି ସ୍ଥାନରେ ପଞ୍ଚୁ ପାଣ୍ଡବ ରହୁଥିବାର ଅନେକ ଛାପ ଏବେ ମଧ୍ୟ ରହିଛି । ବର୍ଷର ବିଭିନ୍ନ ସମୟରେ ଗୁପ୍ତେଶ୍ୱର ପୀଠରେ ଭକ୍ତଙ୍କ ସମାଗାମ ହୋଇଥାଏ । ପ୍ରଭୁଙ୍କ ସବୁଠାରୁ ବଡ଼ ଉତ୍ସବ ମହାଶିବରାତ୍ରୀ । ଶ୍ରାବଣ ମାସର ପ୍ରତି ସୋମବାରରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥାଏ ।ଦୂର ଦୂରଦୂରାନ୍ତରରୁ ମାନସିକ ପୂରଣ ପାଇଁ ଆସନ୍ତି ଭକ୍ତ ଓ ଶ୍ରଦ୍ଧାଳୁମାନେ । ମହାଦେବଙ୍କୁ ପୂଜା କଲେ ପୁଣ୍ୟଫଳ ମିଳିଥାଏ ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି । ୪୧ ନମ୍ବର ରାଜ୍ୟ ସଡ଼କ ପଥରେ କଣ୍ଟାମାଳ- ବାଲିଗୁଡା ରାସ୍ତାର ଆମ୍ବଗାଁ ଛକରୁ ଆଠ କିଲୋମିଟର ପୂର୍ବ ଦିଗକୁ ଗଲେ ପଡେ ଗୁପ୍ତେଶ୍ୱର ପୀଠ । ଦେଢଶୁର ଭାଇବୋହୂ ପାହାଡ଼ ତଳେ ରହିଛି ଗୁପ୍ତେଶ୍ୱର ମହାଦେବଙ୍କ ମନ୍ଦିର ।ବର୍ଷର ବିଭିଉ ସମୟରେ ଭକ୍ତଙ୍କ ସମାଗାମ ହୋଇଥାଏ । ଅନ୍ୟ ସମୟ ଅପେକ୍ଷା ଶ୍ରାବଣ ମାସରେ ଏହି ମନୋରମ ପ୍ରାକୃତିକ ସୌନ୍ଦର୍ଯ୍ୟ ଦେଖିବାକୁ ଜିଲ୍ଲା ତଥା ଜିଲ୍ଲା ବାହରର ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥାଏ ।ଗୋଟିଏ ପଟେ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ, ପାହାଡ଼ ଚଢିବାର ମଜା ନେବା ସହିତ ବାବା ଗୁପ୍ତେଶ୍ୱରଙ୍କ ନିକଟର ଜଳଲାଗି ସହ ଦର୍ଶନ କରିଥାନ୍ତି ଭକ୍ତ ଓ ଶ୍ରଦ୍ଧାଳୁମାନେ । ଦୁଇ ଶହ ଫୁଟ୍ ଉଚ୍ଚତାରେ ଥିବା ପାହାଡ ଉପରକୁ ଯିବା ପାଇଁ ବିପଦ ସଙ୍କୁଳ ଅବସ୍ଥାରେ ଯିବାକୁ ପଡ଼ିଥାଏ । ହେଲେ ଏଠାରେ ମହାଦେବଙ୍କ କୃପାରୁ କେବେ ବି କୌଣସି ଅଘଟଣ ଘଟି ନ ଥାଏ । ପ୍ରାକୃତିକ ଶୋଭାଜିତ ବିମଣ୍ଡିତ ଏହି ସ୍ଥାନକୁ ଯିଏ ବି ଯିବ ମହାଦେବଙ୍କ ଦର୍ଶନ କରିବା ସହ ଏହାର ସୌନ୍ଦର୍ଯ୍ୟକୁ ଉପଭୋଗ କରିପାରିବେ ।

ନିୟମିତ ଖାଆନ୍ତୁ ଶୁଣ୍ଠି, ଏହି ସବୁ ରୋଗରୁ ମିଳିବ ମୁକ୍ତି

ଅଧିକାଂଶ ଘରେ ଖାଦ୍ୟ ପ୍ରସ୍ତୁତି ପାଇଁ ଅଦାର ବ୍ୟବହାର କରାଯାଇଥାଏ ।ଅଦାକୁ ବିଭିନ୍ନ ରୂପରେ ବ୍ୟବହାର କରାଯାଏ । ଶୁଖିଲା ଅଦାକୁ ଶୁଣ୍ଠି କୁହାଯାଏ । ଶୁଣ୍ଠି ଖାଇବା ଦ୍ୱାରା ଥଣ୍ଡାକାଶ ଓ ଗଳା ଦରଜ କମିବା



ସହ ପାଚନ ତନ୍ତ୍ର ସମସ୍ୟା ଦୂର ହୋଇଥାଏ । ଏହାବ୍ୟତୀତ ମୋଟାପଣ ମଧ୍ୟ କମ୍ ହୋଇଥାଏ । ଶୁଣ୍ଠି ଆଇରନ୍, ଫାଇବର, ସୋଡିୟମ୍, ଫେଲେଟ୍ ଏସିଡ୍, କ୍ୟାଲସିୟମ୍, ମ୍ୟାଗ୍ନେସିୟମ୍, ଭିଟାମିନ୍- ଏ, ଜିଙ୍କ୍ ଓ ଫ୍ୟାଟି ଏସିଡ୍ରେ ଭରପୂର ।ଏହା ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ । ଯେଉଁମାନଙ୍କର ଆର୍ଥ୍ରାଇଟିସ୍ ସମସ୍ୟା ରହିଛି, ସେମାନେ ନିୟମିତ ଶୁଣ୍ଠି ଖାଇବା ଦ୍ୱାରା ଯନ୍ତ୍ରଣାରୁ ମୁକ୍ତି ପାଇପାରିବେ। ଋତୁ ପରିବର୍ତ୍ତନରୁ ହେଉଥିବା ଥଣ୍ଡା-କାଶରୁ ରକ୍ଷା ପାଇବା ପାଇଁ ଶୁଣ୍ଠି ଗୁଣ୍ଡକୁ ହାଳ୍କା ଗରମ ପାଣି ସହ ପିଇପାରିବେ।

ଯେଉଁ ପରିବାକୁ ହଜମ କରିବା କଷ୍ଟ ହୋଇଥାଏ। ସେଥିରେ ହାଳ୍କା ଶୁଣ୍ଠିଗୁଣ୍ଡର ପ୍ରୟୋଗ କରିବା ଦ୍ୱାରା ତାହା ସହଜରେ ହଜମ ହୋଇଥାଏ।

ଶୁଣ୍ଠି ମେଟାବଲିଜିମ୍ ବଢାଇ ଓଜନ ହ୍ରାସ କରିବାରେ ମଧ୍ୟ ସାହାଯ୍ୟ କରିଥାଏ ।ଶୁଣ୍ଠିକୁ ଦୁଗ୍ଧରେ ମିଶାଇ ମିଶ୍ରଣକୁ ତ୍ୱଚାରେ ଲଗାଇ ୧୦ରୁ ୨୦ ମିନିଟ୍ ଯାଇ ଛାଡି ଦିଅନ୍ତୁ । ଶୁଖିବା ପରେ ଥଣ୍ଡା ପାଣିରେ ମୁହଁକୁ ଧୋଇ ନିଅନ୍ତୁ । ତ୍ୱଚାରେ ଚମକ ଆସିଥାଏ ।

ନଗରନକ୍ସା ମହାନଗରର ନିଜ ଭାଷା

ଶିଶୁମାନଙ୍କ ସାମଗ୍ରିକ ବିକାଶକୁ ପ୍ରୋତ୍ସାହିତ ପାଇଁ କୋଟିଏ ହସ

ଭୁବନେଶ୍ୱର,୧୭।୧୧ (ମହାଭାରତ): ପ୍ରାରମ୍ଭିକ ବର୍ଷଗୁଡ଼ିକରେ ଶିଶୁମାନଙ୍କ ଉପଯୁକ୍ତ ଯତ୍ନର ଗୁରୁତ୍ୱକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଶନିବାର ଭୁବନେଶ୍ୱରର ହରିନଗର ସ୍ଥିତ ମଇଁଷିଖାଲଠାରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ାଙ୍କ ଉପସ୍ଥିତିରେ 'କୋଟିଏ ହସ – ବାର୍ଷିକ ଶିଶୁ ମହୋତ୍ସବ ୨୦୨୬' ଆୟୋଜିତ ହୋଇଯାଇଛି । ଶିଶୁ ଦିବସ ଅବସରରେ ରାଜ୍ୟର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ସମେତ ଜିଲ୍ଲା ଓ ରାଜ୍ୟସ୍ତରରେ ଏକକାଳୀନ ଏହି ଉତ୍ସବ ପାଳନ କରାଯାଇଛି, ଯାହା ଆନନ୍ଦମୟ, ଖେଳ-ଭିତିକ କାର୍ଯ୍ୟକଳାପ ମାଧ୍ୟମରେ ଶିଶୁ, ପିତାମାତା ଏବଂ ଯତ୍ନ ନେଉଥିବା ବ୍ୟକ୍ତିମାନଙ୍କୁ ଏକାଠି କରିଛି । ସମସ୍ତଙ୍କୁ ସମ୍ବୋଧିତ କରି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଗୁରୁତ୍ୱାରୋପ କରିଥିଲେ ଯେ, ଶିଶୁର ପ୍ରାରମ୍ଭିକ ବର୍ଷଗୁଡ଼ିକରେ ସ୍ନେହ, ଯତ୍ନ, ମମତା ଏବଂ ସମୃକ୍ତି ମାଧ୍ୟମରେ ହିଁ ତାର ଭବିଷ୍ୟତର ମୂଳଦୁଆ ଗଠିତ ହୋଇଥାଏ । ଶିଶୁର ଲାଳନପାଳନ ଉଭୟ ପିତାମାତାଙ୍କର ମିଳିତ ଦାୟିତ୍ୱ ବୋଲି ସେ ଉଲ୍ଲେଖ କରିବା ସହ ଶିଶୁ ଯତ୍ନ ଏବଂ ପ୍ରାରମ୍ଭିକ ଶିକ୍ଷା କ୍ଷେତ୍ରରେ ସକ୍ରିୟ ଅଂଶଗ୍ରହଣ କରିବା ପାଇଁ ପିତାମାନଙ୍କୁ ଉତ୍ସାହିତ କରିଥିଲେ । ଶିଶୁମାନଙ୍କ ଭାବପ୍ରବଣ, ସାମାଜିକ ଏବଂ ବୌଦ୍ଧିକ ବିକାଶରେ ସହାୟକ ହେଉଥିବା ପାରମ୍ପରିକ ପ୍ରଥା ଯଥା- ନାନାବାୟା ଗୀତ, ଗପ କହିବା ଏବଂ ଆନନ୍ଦମୟ ଭାବବିନିମୟକୁ ସଂରକ୍ଷିତ ରଖିବାର ଗୁରୁତ୍ୱ ଉପରେ ମଧ୍ୟ ସେ ଆଲୋକପାତ କରିଥିଲେ ।

ଉତ୍ସାହ, ସୃଜନଶୀଳତା ଏବଂ ପାରିବାରିକ ଅଂଶଗ୍ରହଣରେ ପରିପୂର୍ଣ୍ଣ ପରିବେଶ ମଧ୍ୟରେ ଆୟୋଜିତ ଏହି ରାଜ୍ୟସ୍ତରୀୟ ଉତ୍ସବରେ ୦ରୁ ୬ ବର୍ଷ ବୟସର ପ୍ରାୟ ୭୦୦ ଶିଶୁ ସେମାନଙ୍କର ପିତାମାତା ଏବଂ ଅଭିଭାବକଙ୍କ ସହ ଯୋଗ ଦେଇଥିଲେ । ଶିଶୁମାନଙ୍କର ଦୈନନ୍ଦିନ ଶିକ୍ଷଣ ଅନୁଭୂତିରେ ଅଭିଭାବକମାନଙ୍କୁ ସାମିଲ କରିବା ଉପରେ ଏହି କାର୍ଯ୍ୟକ୍ରମରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ଏଥିରେ ଜନ୍ମରୁ-୩ ବର୍ଷର ଶିଶୁ ଏବଂ ୩-୬ ବର୍ଷର ପିଲାମାନଙ୍କ ପାଇଁ ପୃଥକ ପୃଥକ କାର୍ଯ୍ୟକଳାପ ପ୍ରସ୍ତୁତ କରାଯାଇଥିଲା । ବିଭିନ୍ନ କାର୍ଯ୍ୟକଳାପ କର୍ଣ୍ଣର ପରିଦର୍ଶନ ସମୟରେ ଉପମୁଖ୍ୟମନ୍ତ୍ରୀ ଶିଶୁ, ଅଭିଭାବକ ଏବଂ ଅଙ୍ଗନବାଡ଼ି କର୍ମୀମାନଙ୍କ ସହ ଭାବବିନିମୟ କରିଥିଲେ ଏବଂ ଖେଳ ମାଧ୍ୟମରେ ଶିକ୍ଷାକୁ ଶିଶୁ ଲାଳନପାଳନର ଏକ ଅବିଚ୍ଛେଦ୍ୟ ଅଙ୍ଗ କରିବାକୁ ପରିବାରବର୍ଗଙ୍କୁ ଉତ୍ସାହିତ କରିଥିଲେ ।



ଏହି କାର୍ଯ୍ୟକଳାପ କର୍ଣ୍ଣରଗୁଡ଼ିକରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସାମଗ୍ରୀ, ପ୍ରାକ୍-ବିଦ୍ୟାଳୟ ଶିକ୍ଷା କିଟ୍, ଜେଜେବାପା-ଜେଜେମାଆଙ୍କ ଦ୍ୱାରା ପାରମ୍ପରିକ ନାନାବାୟା ଗୀତ ଓ ଗପ କହିବା, ପିତାମାନଙ୍କ ଦ୍ୱାରା ସ୍ଥାନୀୟ ତଥା ସ୍ୱଳ୍ପ ମୂଲ୍ୟର ସାମଗ୍ରୀ ବ୍ୟବହାର କରି ନିଜ ହାତରେ ଖେଳଣା ତିଆରି ଏବଂ ପ୍ରାରମ୍ଭିକ ଶୈଶବ ଯତ୍ନ ଓ ବିକାଶ ସମ୍ପର୍କିତ ସୂଚନା, ଶିକ୍ଷା ଓ ଯୋଗାଯୋଗ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା । ଶିଶୁମାନେ ଅଭିନୟ ଗୀତ, ନୃତ୍ୟ, ଗପ କହିବା ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାରେ ଉତ୍ସାହର ସହ ଅଂଶଗ୍ରହଣ କରି ସେମାନଙ୍କର ସୃଜନଶୀଳତା ଓ ପ୍ରତିଭା ପ୍ରଦର୍ଶନ କରିଥିଲେ । ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରି ସେମାନଙ୍କର ସଫଳତାକୁ ସ୍ୱୀକୃତି ଦେବା ସହ ସୃଜନଶୀଳ ଅଭିବ୍ୟକ୍ତି ପାଇଁ ଉତ୍ସାହିତ କରିଥିଲେ । ନିଜ ହାତରେ ଅଭିନବ ଖେଳଣା ତିଆରି କରିଥିବା ପିତାମାନଙ୍କୁ ମଧ୍ୟ ଏହି ଅବସରରେ ସମ୍ବର୍ଦ୍ଧିତ କରିଥିଲେ । ଘରେ ସୃଜନଶୀଳ କାର୍ଯ୍ୟକଳାପ ଏବଂ ଖେଳ-ଭିତିକ ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଜନ୍ମରୁ-୬ ବର୍ଷ ବୟସର ଶିଶୁମାନଙ୍କୁ ଉପହାର ବଣ୍ଟନ କରାଯାଇଥିଲା ।

ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ବ୍ୟତୀତ, ଓଡ଼ିଶାର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରରେ 'କୋଟିଏ ହସ' ପାଳନ କରାଯାଇଥିବା ବେଳେ ଜିଲ୍ଲା ସଦର ମହକୁମା ନିକଟସ୍ଥ ମନୋନୀତ ଆଦର୍ଶ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ସ୍ୱତନ୍ତ୍ର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପ୍ରତ୍ୟେକ ଶିଶୁର ଅଭିବୃଦ୍ଧି ଓ ବିକାଶ ପାଇଁ ଉତରଦାୟୀ ଅଭିଭାବକତ୍ୱ, ପ୍ରାରମ୍ଭିକ ପ୍ରେରଣା ଏବଂ ଏକ ସହାୟକ ପରିବେଶର ଗୁରୁତ୍ୱ ବିଷୟରେ ସଚେତନତା ସୁଦୃଢ଼ କରିବା ପାଇଁ ଏହି ପଦକ୍ଷେପ ସମାଜ ଓ ପରିବାରଗୁଡ଼ିକୁ ଏକାଠି କରିଥିଲା । 'କୋଟିଏ ହସ' ମାଧ୍ୟମରେ ବିଭାଗ ଏହି ବାର୍ତ୍ତାକୁ ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଛି ଯେ ଶୈଶବ ଯତ୍ନ, ସାହଚର୍ଯ୍ୟ, ସୃଜନଶୀଳତା ଏବଂ ଆନନ୍ଦମୟ ଶିକ୍ଷାରେ ପରିପୂର୍ଣ୍ଣ ହେବା ଉଚିତ । ପ୍ରାରମ୍ଭିକ ଶୈଶବ ଯତ୍ନ ଓ ଶିକ୍ଷାକୁ ସୁଦୃଢ଼ କରିବା ଏବଂ ପ୍ରତ୍ୟେକ ଶିଶୁ ଯେପରି ବଢ଼ିବା, ଶିଖିବା ଏବଂ ବିକଶିତ ହେବା ପାଇଁ ଏକ ଅନୁକୂଳ ପରିବେଶ ପାଇପାରିବେ, ତାହା ସୁନିଶ୍ଚିତ କରିବା ଦିଗରେ ଏହି ପଦକ୍ଷେପ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ଏହି ଅବସରରେ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଡଃ ମୃଣାଳିନୀ ଦର୍ସ୍ୱାଲ, ନିର୍ଦ୍ଦେଶିକା ଶ୍ରୀମତୀ ମୋନିଷା ବାନାର୍ଜୀଙ୍କ ସମେତ ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ, ବିଶିଷ୍ଟ ବ୍ୟକ୍ତି ଏବଂ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

ଉତ୍କଳ ଗୌରବ ଇଣ୍ଟରନ୍ୟାସନାଲ ସ୍କୁଲର ସ୍ୱତନ୍ତ୍ର କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୭।୧୧ (ମହାଭାରତ): ଉତ୍କଳ ଗୌରବ ଇଂଟରନ୍ୟାସନାଲ ସ୍କୁଲ (ୟୁଜିଆଇଏସ୍) ର ଶିକ୍ଷାଗତ ଦୃଷ୍ଟିକୋଣର କେନ୍ଦ୍ରରେ ପରମହଂସ ଯୋଗାନନ୍ଦଙ୍କ ଦ୍ୱାରା ଅନୁପ୍ରାଣିତ ଏହାର ସ୍ୱତନ୍ତ୍ର 'କିପରି ବଂଚିବା' ପାଠ୍ୟକ୍ରମ ରହିଛି । ଏହି ପାଠ୍ୟକ୍ରମ ଚାରୋଟି ସ୍ତମ୍ଭ ଉପରେ ନିର୍ମିତ ହୋଇଛି: ଶରୀର ଯତ୍ନ ବିଜ୍ଞାନ ଏବଂ ବ୍ୟବହାରିକ ଦକ୍ଷତା, ଯାହା ଶାରୀରିକ ସୁସ୍ଥତା, ଆତ୍ମ-ଯତ୍ନ ଏବଂ ବ୍ୟବହାରିକ ଜୀବନ ଦକ୍ଷତାକୁ ପ୍ରୋତ୍ସାହିତ କରେ; ମାନସିକ ଇଞ୍ଜିନିୟରିଂ, ଯାହା ଏକାଗ୍ରତା, ଭାବପ୍ରବଣ ସନ୍ତୁଳନ ଏବଂ ଚିନ୍ତାଧାରାର ସ୍ପଷ୍ଟତାକୁ ବିକଶିତ କରେ; ସାମାଜିକ କଳା, ଯାହା ସହାନୁଭୂତି, ସହଯୋଗ, ଯୋଗାଯୋଗ ଏବଂ ସାମାଜିକ ଦାୟିତ୍ୱକୁ ପୋଷଣ କରେ ଏବଂ ପ୍ରୟୋଗାତ୍ମକ ଆଧ୍ୟାତ୍ମିକ ବିଜ୍ଞାନ, ଯାହା ଆତ୍ମ-ସଚେତନତା, ଆଭ୍ୟନ୍ତରୀଣ ଅନୁଶାସନ ଏବଂ ଦୈନନ୍ଦିନ ଜୀବନରେ ଆଧ୍ୟାତ୍ମିକ ମୂଲ୍ୟବୋଧର ଅଭ୍ୟାସକୁ ଉତ୍ସାହିତ କରେ । ଦର୍ଶନ ବିଷୟରେ ଆଲୋଚନା କରି ଉତ୍କଳ ଗୌରବ ଇଂଟରନ୍ୟାସନାଲ ସ୍କୁଲର ସଭାପତି ଡକ୍ଟର ପ୍ରଦୀପ ସେଠୀ କହିଛନ୍ତି, "ଆମେ ପ୍ରାୟତଃ ମାର୍କ, ଡିଗ୍ରୀ ଏବଂ ବୃତ୍ତିଗତ ସଫଳତା ମାଧ୍ୟମରେ ଶିକ୍ଷାକୁ ମାପ କରିଥାଉ, କିନ୍ତୁ ଶିକ୍ଷାର ପ୍ରକୃତ ପରୀକ୍ଷା ହେଉଛି ଜଣେ ବ୍ୟକ୍ତି କିପରି ଜୀବନଯାପନ କରେ, ଆହ୍ୱାନର ପ୍ରତିକ୍ରିୟା କରେ ଏବଂ ସମାଜରେ କିପରି ଯୋଗଦାନ କରେ । 'କିପରି ବଂଚିବା' ପାଠ୍ୟକ୍ରମ ମାଧ୍ୟମରେ, ଆମର ପ୍ରୟାସ ହେଉଛି ଏପରି ପିଲାମାନଙ୍କୁ ପ୍ରତିପୋଷଣ କରିବା ଯେଉଁମାନେ କେବଳ ଜ୍ଞାନୀ ଏବଂ ଉଚ୍ଚାଭିଳାଷୀ ନୁହଁନ୍ତି ବରଂ ଦୟାଳୁ, ଶୃଙ୍ଖଳିତ ଏବଂ ଅନ୍ୟମାନଙ୍କ ପ୍ରତି ସେମାନଙ୍କର ଦାୟିତ୍ୱ ପ୍ରତି ସଚେତନ ମଧ୍ୟ ଅଟନ୍ତି । ଏହାର ଚାରୋଟି ସ୍ତମ୍ଭ ଆମର ବିଶ୍ୱାସକୁ ପ୍ରତିଫଳିତ କରେ ଯେ ଶିଶୁର ବିକାଶ ନିଶ୍ଚିତ ଭାବରେ ଶରୀର, ମନ, ସାମାଜିକ ଆଚରଣ ଏବଂ ଆଭ୍ୟନ୍ତରୀଣ ଜୀବନକୁ ଏକତ୍ର ସମାଧାନ କରିବା ଆବଶ୍ୟକ । ପରମହଂସ ଯୋଗାନନ୍ଦଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଆମେ ବିଶ୍ୱାସ କରୁ ଯେ ଆଧ୍ୟାତ୍ମିକ ଅଭିବୃଦ୍ଧି ଏବଂ ସାଂସାରିକ ଅଭିଳାଷ ପରସ୍ପରକୁ ପରିପୂର୍ଣ୍ଣ କରିପାରିବ । ଆମେ ଚାହୁଁ ଯେ ପିଲାମାନେ ସେମାନଙ୍କର ମୂଲ୍ୟବୋଧକୁ ଭୁଲି ନଯାଇ ଉତ୍କର୍ଷତା ଅନୁସରଣ କରନ୍ତୁ ।

ଏସ୍‌ପିଏସ୍ ଛାତ୍ରଛାତ୍ରୀଙ୍କ ନିମନ୍ତେ ଓରିଏନ୍‌ଟେସନ୍ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୭।୧୧ (ମହାଭାରତ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସ୍କୁଲ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍‌ସେସ୍‌ର ଫୁଲନଖରା, କ୍ୟାମ୍ପସ -୨ରେ ଶୁକ୍ରବାର ୨୦୨୬-୨୭ ପ୍ରଥମ ବ୍ୟାଚର ନୂତନ ବି.ଫାର୍ମା. ଛାତ୍ରଛାତ୍ରୀଙ୍କ ନିମନ୍ତେ ଓରିଏନ୍‌ଟେସନ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦେଶର ଶ୍ରେଷ୍ଠ ୧୫ତମ ବିଶ୍ୱବିଦ୍ୟାଳୟ ଭାବେ ପରିଚିତ ସୋଆରେ ଅଧ୍ୟୟନ କରିବାକୁ ଚୟନ କରିଥିବା ଫାର୍ମାସୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ।

ଶିକ୍ଷା ସହିତ ଗବେଷଣା, ନବସୃଜନ, ଉଦ୍ୟୋଗୀକରଣ ଓ ସାମାଜିକ ଦାୟିତ୍ୱବୋଧକୁ ଗୁରୁତ୍ୱ ଦେବା ଆବଶ୍ୟକ । ଛାତ୍ରଛାତ୍ରୀମାନେ କେବଳ ପାଠ୍ୟପୁସ୍ତକରେ ସୀମିତ ନ ରହି ବିଭିନ୍ନ ବିଷୟରେ ଜ୍ଞାନ ଆହରଣ କରିବା ସହ ନୂତନ ଚିନ୍ତାଧାରା ଓ ଗବେଷଣା ପ୍ରତି ଆଗ୍ରହୀ ହେବା ଉଚିତ ବୋଲି ସେ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ନବାଗତ ଛାତ୍ରଛାତ୍ରୀମାନଙ୍କୁ ସୋଆ ପରିବାରର ଅଂଶ ଭାବେ ଗର୍ବ ଅନୁଭବ କରିବା, ନିଜର ସ୍ୱପ୍ନକୁ ବଡ଼ କରିବା ଏବଂ ଶିକ୍ଷା ଜୀବନର ଚାରିବର୍ଷକୁ ଜ୍ଞାନ, ଗବେଷଣା ଓ ଅଭିଜ୍ଞତା ହାସଲର ଏକ ସଫଳ ଅବଧିରେ ପରିଣତ କରିବାକୁ ସେ ଆହ୍ୱାନ ଦେଇଥିଲେ । ଛାତ୍ରଛାତ୍ରୀମାନେ ଭବିଷ୍ୟତରେ ଦକ୍ଷ ଫାର୍ମାସି ବୃତିଧାରୀ ଭାବେ ସମାଜ ଓ ଦେଶର ସେବା କରିବା ସହ ବିଶ୍ୱବିଦ୍ୟାଳୟର ଗୌରବ ବୃଦ ି କରିବେ ବୋଲି ପ୍ରଫେସର ନନ୍ଦ ଆଶା ପ୍ରକାଶ କରିଥିଲେ । ଏହି ଅବସରରେ ଉତ୍କଳ ବିଶ୍ୱବିଦ୍ୟାଳୟର ୟୁନିଭର୍ସିଟି



ଡିପାର୍ଟମେଂଟ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍‌ସେସ୍ (ୟୁଡିପିଏସ୍)ର ଫାର୍ମାସୀ ସଂଯୋଜକ ଡଃ ସାଗର କୁମାର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ଆଧୁନିକ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ଫାର୍ମାସୀ ବୃତିଜୀବୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଔଷଧ ଉତ୍ପାଦନଠାରୁ ଆରମ୍ଭ କରି ଔଷଧର ଗୁଣବତ୍ତା ନିୟନ୍ତ୍ରଣ, ଗବେଷଣା, ଔଷଧ ସୁରକ୍ଷା ଏବଂ ରୋଗୀଙ୍କୁ ଉପଯୁକ୍ତ ପରାମର୍ଶ ଦେବା ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ଫାର୍ମାସି ବୃତିଜୀବୀଙ୍କ ପାଇଁ ଅନେକ ସୁଯୋଗ ରହିଛି ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ-୨ର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ରାଜେଶ କୁମାର ଲେଙ୍କା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନବାଗତ ଛାତ୍ରଛାତ୍ରୀଙ୍କୁ ଫାର୍ମାସୀ କୁ ଏକ ଉତମ ବୃତି ଭାବେ କରିଥିବାରୁ ଅଭିନନ୍ଦନ ଜଣାଇଥିଲେ । ଫାର୍ମାସୀ କେବଳ ଔଷଧ, ଡାକ୍ତରଙ୍କ ପ୍ରେସ୍‌କ୍ରିପସନ୍ ଓ ଔଷଧ ପ୍ରସ୍ତୁତି ମଧ୍ୟରେ ସୀମିତ ନୁହେଁ । ବରଂ ଏହା ବିଜ୍ଞାନ, ସ୍ୱାସ୍ଥ୍ୟସେବା, ପ୍ରଯୁକ୍ତିବିଦ୍ୟା ଓ ମାନବିକତାର ଏକ ସମନ୍ୱିତ କ୍ଷେତ୍ର । ଜଣେ ଫାର୍ମାସିଷ୍ଟ ଡାକ୍ତର , ଔଷଧ ଓ ରୋଗୀଙ୍କ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସେତୁ ଭାବେ କାର୍ଯ୍ୟ ତୁଲାଇଥାଏ ବୋଲି ସେ କହିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ସୋଆ ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଂଜନ ଦାସ ଯୋଗଦେଇ ନବାଗତ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହିତ କହିଥିଲେ ଯେ ସମୟାନୁବର୍ତ୍ତିତା, ଶୃଙ୍ଖଳା, କଠିନ ପରିଶ୍ରମ ଓ ଅଧ୍ୟବସାୟ ହିଁ ଛାତ୍ରଛାତ୍ରୀଙ୍କ ଜୀବନର ମୂଳମନ୍ତ୍ର ହେବା ଆବଶ୍ୟକ । କାର୍ଯ୍ୟକ୍ରମରେ ଫାର୍ମାସୀ-୨ର ଡିନ୍ ପ୍ରଫେସର (ଡକ୍ଟର) ଦୁର୍ଗାମାଧବ କର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

ସ୍କାଉଟସ୍ ଏବଂ ଗାଇଡସ କ୍ୟାମ୍ପ 'ଚେତନା' ଉଦ୍‌ଯାପିତ

ଭୁବନେଶ୍ୱର,୧୭।୧୧ (ମହାଭାରତ): ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ଆନୁକୂଲ୍ୟରେ ରାଜ୍ୟ କାର୍ଯ୍ୟାଳୟ ପରିସରରେ ଆୟୋଜିତ ହେଉଥିବା କ୍ୟାମ୍ପ "ଚେତନା" ର ଆଜି ଥିଲା ଉଦ୍‌ଯାପନୀ ଦିବସ । ଏହି ଶିବିର ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରକାର ପ୍ରତିଯୋଗିତା ଯଥା ଶାରୀରିକ କୌଶଳ ପ୍ରଦର୍ଶନ, ଖାଦ୍ୟ ପ୍ରଦର୍ଶନୀ, ଦଳଗତ ନୃତ୍ୟ, ଯୋଗ, ସାଂସ୍କୃତିକ ସଂଧ୍ୟା, ହସ୍ତଶିଳ୍ପ ଏବଂ ର୍ୟାମ୍ପ ଆଦି ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା, ମାନ୍ୟବର ବିଧାୟକ, ଭୁବନେଶ୍ୱର (ମଧ୍ୟ) ତଥା ଉପସଭାପତି ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଓ ଗାଇଡସ୍, ଦାଶରଥୀ ଶତପଥୀ, ରାଜ୍ୟ କମିଶନର, ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ଯୋଗଦେଇଥିଲେ ।



ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ଜେନା କହିଥିଲେ ଯେ ସ୍କାଉଟିଂ ହେଉଛି ଏମିତି ଏକ ଶୃଙ୍ଖଳିତ ଅନୁଷ୍ଠାନ ଯେଉଁଥିରେ ଯୋଗଦେଲେ ପିଲାମାନଙ୍କର ଶୃଙ୍ଖଳା, ସମୟାନୁବର୍ତିତା ଆଦି ଗୁଣଗୁଡିକ ବୃଦ୍ଧି ପାଇଥାଏ । ସେହିପରି ସମ୍ମାନୀତ ଅତିଥି ଶ୍ରୀ ଶତପଥୀ କହିଥିଲେ ସ୍କାଉଟ ଗାଇଡ୍ ହେଉଛି ଏମିତି ଏକ ମଞ୍ଚ ଯାହାକି ଏହି ଛୋଟ ଛୋଟ ପିଲାମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ଗୁଣକୁ ପରିପ୍ରକାଶ କରିବାର ସଠିକ୍ ଜାଗା । ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଜିଲ୍ଲାକୁ ଅତିଥିମାନଙ୍କ ଦ୍ୱାରା ପ୍ରମାଣପତ୍ର ଓ ଫଳକ ଦିଆଯାଇଥିଲା । ସୁଦୂର ମାଲକାନଗିରି, ନବରଙ୍ଗପୁର ରୁ ମଧ୍ୟ ସ୍କାଉଟ ଗାଇଡ୍ ଯୋଗଦେଇଥିଲେ । ରାଜ୍ୟ ସମ୍ପାଦକ ଶରତ ଚନ୍ଦ୍ର ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ସ୍କାଉଟ ଓ ଗାଇଡ୍‌ମାନଙ୍କ ଦ୍ୱାରା ଆକର୍ଷଣୀୟ ନୃତ୍ୟ ପରିବେଷଣ କରାଯାଇଥିଲା ।

ଆଞ୍ଚଳିକ ଡ୍ରାମାଟିକ କ୍ଲବ ନାଟକ ମହୋତ୍ସବ ଉଦଯାପିତ

ଭୁବନେଶ୍ୱର,୧୭।୧୧ (ମହାଭାରତ): ପ୍ରତିବର୍ଷ ପରି ଚଳିତ ବର୍ଷ ଭୁବନେଶ୍ୱର ଉପକଣ୍ଠ ଇଟିପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ଡିହପୁର ଗାଁ ଦଶହରା ପଡିଆରେ ଆଞ୍ଚଳିକ ଡ୍ରାମାଟିକ କ୍ଲବ ପକ୍ଷରୁ ନାଟକ ମହୋତ୍ସବ ବଡ ଧୁମଧାମରେ ପାଳନ କରାଯାଇଛି । ଦୁଇଦିନ ଧରି ଅନୁଷ୍ଠିତ ଏହି ନାଟକ ମହୋତ୍ସବକୁ ଏକାମ୍ର ବିଧାୟକ ବାବୁ ସିଂ, ବିଜେପିର ବରିଷ୍ଠ ନେତ୍ରୀ ରଶ୍ମୀ ମହାପାତ୍ର, ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା, ସମାଜସେବୀ ଦେବ ନାୟକ, ଚିନ୍ମୟ ବଡଜେନା, ଇଟିପୁର ପଞ୍ଚାୟତ ସରପଞ୍ଚ ଅନିତା ସୁବୁଦ୍ଧି, ଲିଙ୍ଗିପୁର ସରପଞ୍ଚ କ୍ଷୀରୋଦ ପ୍ରଧାନ, ଭୁବନେଶ୍ୱର ବ୍ଲକ ଅଧକ୍ଷ ନିରୁପମା ସାହୁ, ଡିହପୁର ଗ୍ରାମ୍ୟ କମିଟି ମୁଖ୍ୟ ବାସୁଦେବ ବରାଳ, ତୋରୀ ବରାଳ, ଚିତ୍ତରଞ୍ଜନ ବରାଳ, କୁକୁଡାଘାଇ ପାଟଣା ଗ୍ରାମର ଛବିନ୍ଦ୍ର ପ୍ରଧାନ, ଗୌରାଙ୍ଗ ଖଟୁଆ, ଗୋଲଖ ଜେନା, ଡ୍ରାମାଟିକ କ୍ଲବର ନିର୍ଦ୍ଦେଶକ କପିଳ ଚନ୍ଦ୍ର ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ଆଞ୍ଚଳିକ ଡ୍ରାମାଟିକ କ୍ଲବର ନାଟକ ମହୋତ୍ସବ ଚତୁର୍ଥ ବର୍ଷରେ ପଦାର୍ପଣ କରିଥିବା ବେଳେ ପ୍ରଥମ ରାତିର ନାଟକ ଭାଇ ଭଉଣୀର ନୂଆ କାହାଣୀ ଓ ଦ୍ୱିତୀୟ ରାତ୍ରିର ନାଟକ ହରିଶ୍ଚନ୍ଦ୍ର ବେଶ ରୋମାଞ୍ଚକର ଥିଲା । ସ୍ଥାନୀୟ ଗ୍ରାମର ଯୁବକମାନେ ଏହି ନାଟକରେ ଅଂଶ ଗ୍ରହଣ କରିଥିବା ବେଳେ ଆଖାପାଖ ପଞ୍ଚାୟତବାସୀ ଏହି ନାଟକ ଦେଖି ବେଶ ପ୍ରଶଂସା କରିଥିଲେ । ଯୁବକସଂଘ ପକ୍ଷରୁ ଏହି ନାଟକ ମହୋତ୍ସବକୁ ସଫଳ କରିବାରେ ଯଦୁମଣି, କ୍ଷ

ମୁଦ୍ରାସ୍ଫୀତି ବୃଦ୍ଧି ପାଇଛି

ଦେଶର ମୁଦ୍ରାସ୍ଫୀତି ବୃଦ୍ଧି ପାଇଛି। ତେଣୁ ଜନ ଅସନ୍ତୋଷର ପ୍ରତିଫଳନ ମଧ୍ୟବର୍ତୀକାଳିନ ନିର୍ବାଚନରେ ଦେଖିବାକୁ ମିଳିଲା। ଏବେ ଟ୍ରମ୍ପଙ୍କ ଶାସନର ବାକି ୨ ବର୍ଷ ସଂଘର୍ଷ ଏବଂ ସଙ୍କଟରେ ଅତିବାହିତ ହେବ। କୁହାଯାଏ ଯେ, ଯଦି ରାଷ୍ଟ୍ରମୁଖ୍ୟ ଭୁଲ କରନ୍ତି ତେବେ ଏହାର ପରିଣାମ ସମଗ୍ର ଦେଶବାସୀଙ୍କୁ ଭୋଗିବାକୁ ପଡ଼େ। ଯଦି ବିଶ୍ୱର ଏକ ଶକ୍ତିଶାଳି ଦେଶର ମୁଖ୍ୟ ଭୁଲ କରନ୍ତି ବା ଜଣେ ଅଯୋଗ୍ୟ ବ୍ୟକ୍ତି ହାତରେ କ୍ଷମତା କେନ୍ଦ୍ରୀଭୂତ ହୁଏ ତେବେ ଏହାର ପରିଣାମ ସମଗ୍ର ବିଶ୍ୱବାସୀଙ୍କୁ ଭୋଗିବାକୁ ପଡ଼ିଥାଏ। ଜର୍ମାନୀର ତତ୍କାଳୀନ ଶାସକ ରୁଡଲଫ ଡିଟଲରଙ୍କ ଭୁଲ ପାଇଁ ଦ୍ୱିତୀୟ ବିଶ୍ୱଯୁଦ୍ଧ ହୋଇଥିଲା ଏବଂ ଲକ୍ଷ ଲୋକ ପ୍ରାଣ ହରାଇଥିଲେ। ସାରା ବିଶ୍ ଏଥିରେ ପ୍ରଭାବିତ ହୋଇଥିଲା। ହିଟଲରଙ୍କ ସହ ଆଉ କିଛି ଅଯୋଗ୍ୟ ବ୍ୟକ୍ତି ହାତ ମିଳାଇଥିଲେ। ଏହି ଶକ୍ତିଶାଳୀ ମେଣ୍ଢ ପାଇଁ ସମଗ୍ର ବିଶ୍ୱରେ ହାହାକାର ପଡ଼ିଯାଇଥିଲା। ଏବେ ଠିକ ସେହି ପରିସ୍ଥିତି ସୃଷ୍ଟି ହୋଇଛି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭୁଲ ପାଇଁ ସାରା ବିଶ୍ୱରେ ହାହାକାର ପଡ଼ିଯାଇଛି। ଆମେରିକାରେ ମଧ୍ୟ ଟ୍ରମ୍ପଙ୍କ ବିରୋଧରେ ଜନ ଆନ୍ଦୋଳନ ଦେଖାଯାଇଛି। ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପଙ୍କ ବିଜୟ ଥିଲା ଐତିହାସିକ। ଡେମୋକ୍ରାଟିକ ପାର୍ଟୀର ପ୍ରାର୍ଥୀ କମଲା ହାରିସଙ୍କୁ ସେ ବପୁଳ ଭୋଟ ବ୍ୟବଧାନରେ ପରାଜିତ କରିଥିଲେ। ୨୦୧୬ରୁ ୨୦୨୦ ପର୍ଯ୍ୟନ୍ତ ସେ ଆମେରିକାର ରାଷ୍ଟ୍ରପତି ଥିଲେ। କିନ୍ତୁ ୨୦୨୦ରେ କରୋନା ମୁକାବିଲାରେ ବିଫଳତା ପାଇଁ ତାଙ୍କର ପରାଜୟ ହେଲା। ଜୋ ବାଇଡେନ ହେଲେ ରାଷ୍ଟ୍ରପତି। କିନ୍ତୁ ବାଇଡେନ ଜଣେ ଦୁର୍ବଳ ରାଷ୍ଟ୍ରପତି ଥିଲେ। ତାଙ୍କ ଦୁର୍ବଳତା ପାଇଁ ଗତ ନିର୍ବାଚନରେ କମଲା ହାରିସ ପରାଜିତ ହେଲେ। ଟ୍ରମ୍ପ ପୁନର୍ବାର କ୍ଷମତାକୁ ଫେରିଲେ। ସାରା ବିଶ୍ୱରେ ଆଶା ସଞ୍ଚାର ହେଲା ଯେ, ଟ୍ରମ୍ପଙ୍କ ନେତୃତ୍ୱରେ ଆମେରିକା ବିଶ୍ୱ ଶାନ୍ତି ଏବଂ ସ୍ଥିରତା ଦିଗରେ ପଦକ୍ଷେପ ନେବ। ବଗତ ୪ ବର୍ଷ ହେବ ବିଶ୍ୱ ଅର୍ଥନୀତି ଅତି ଦୁର୍ଦ୍ଦିନ ମଧ୍ୟରେ ଗତି କରୁଛି। ଟ୍ରମ୍ପ ଏହାର ସମାଧାନ କରିଦେବେ, ମଧ୍ୟପ୍ରାଚ୍ୟ ଏବଂ ରଷିଆ-ୟୁକ୍ରେନ ଯୁଦ୍ଧର ପରିସମାପ୍ତି ହେବ। କିନ୍ତୁ ମାତ୍ର ୩ ମାସରେ ଲୋକଙ୍କ ଆଶା ନୈରାଶ୍ୟରେ ପରିଣତ ହେଲା। ସ୍ଥିତିରେ ଉନ୍ନତି ଆସିବ କ'ଣ ବରଂ ପରିସ୍ଥିତି ଅଧିକ ଜଟିଳ ହୋଇଛି। ବିଶ୍ୱ ଅର୍ଥନୀତିରେ ଏବେ ଅସ୍ଥିରତା ସୃଷ୍ଟି ହୋଇଛି। ବିଶ୍ୱରେ ପୁଣିଥରେ ବଡ଼ ଧରଣର ଆର୍ଥିକ ବିପର୍ଯ୍ୟୟ ସୃଷ୍ଟି ହେବ ବୋଲି ଆଶଙ୍କା ସୃଷ୍ଟି କରାଯାଉଛି। ଟ୍ରମ୍ପ ବିଶ୍ୱର ବିଭିନ୍ନ ଦେଶ ବିରୋଧରେ ଟାରିଫ ବୃଦ୍ଧି କରିଛନ୍ତି। ଏହାର ପ୍ରଭାବରେ ସାରା ବିଶ୍ୱରେ ସେୟାର ମାର୍କେଟରେ ବିପର୍ଯ୍ୟୟ ସୃଷ୍ଟି ହୋଇଛି। ଭାରତରେ ମଧ୍ୟ ସେନସେକ୍ସ ଧରାଶାୟୀ ହୋଇଛି। ଆମେରିକା ସେୟାର ମାର୍କେଟରେ ମଧ୍ୟ ସୂଚକାଙ୍କ ରସାତଳଗାମୀ ହୋଇଛି। ଟ୍ରମ୍ପଭକ୍ତ ଯୁକ୍ତି ହେଲା, ଭାରତ, ଚୀନ, କାନାଡ଼ା ଭଳି ଅନେକ ଦେଶ ଆମେରିକାରେ ନିଜ ସାମଗ୍ରୀ ବିକ୍ରୀ କରି ଫାଇଦା ହାସଲ କରୁଛନ୍ତି। କିନ୍ତୁ ଆମେରିକାରୁ ଆମଦାନୀ କରୁଥିବା ସାମଗ୍ରୀ ଉପରେ ସେମାନେ ଚଢ଼ା ଟାରିଫ ଆଦାୟ କରୁଛନ୍ତି। ଫଳରେ ଆମେରିକାର କ୍ଷତି ହେଉଛି। ଟ୍ରମ୍ପ ଯାହା କହୁଛନ୍ତି ତାହା ନିହାତି ଭୁଲ ନୁହେଁ। କିନ୍ତୁ ଏତେ ବଡ଼ ବ୍ୟବସ୍ଥାକୁ ହଠାତ ଗୋଟିଏ ଦିନରେ ବଦଳାଇବା ମଧ୍ୟ ଠିକ ନୁହେଁ। ଟ୍ରମ୍ପଙ୍କ ପଦକ୍ଷେପ ପଛରେ ପ୍ରତିହିଂସା ଏବଂ କ୍ଷୋଭ ରହିଛି। ଏଲନ ମସ୍କଙ୍କ ବେପାରୀ ବୁଦ୍ଧିରେ ସେ ପରିଚାଳିତ ହେବା ପରି ମନେ ହେଉଛି। ଏହା ବିରୋଧରେ ଆମେରିକାବାସୀ ରାସ୍ତାକୁ ଓହ୍ଲାଇଛନ୍ତି। ରବିବାର ଆମେରିକାର ବଭନ୍ନ ସ୍ଥାନରେ ହଜାର ହଜାର ବ୍ୟକ୍ତି ଟ୍ରମ୍ପଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ମାତ୍ର ୪ ମାସରେ ଟ୍ରମ୍ପଙ୍କ ଲୋକପ୍ରିୟତା ପୁରା ତଳକୁ ଖସି ଯାଇଛି। ଟ୍ରମ୍ପଙ୍କ ବିରୋଧରେ କେବଳ ଆମେରିକାରେ ଜନ ଆନ୍ଦୋଳନ ଆରମ୍ଭ ହୋଇନି, ବିଶ୍ୱର ଅନ୍ୟ ଦେଶମାନେ ମଧ୍ୟ ଆମେରିକା ବିରୋଧରେ ଗର୍ଜିବା ଆରମ୍ଭ କରିଛନ୍ତି। ଆମେରିକାର ସବୁଠାରୁ ବଡ଼ ବନ୍ଧୁ ଇଂଲଣ୍ଡକୁ ଟ୍ରମ୍ପ ଅପମାନିତ କରିଛନ୍ତି। ଇଂଲଣ୍ଡ ଏବେ ଚୁପ ଚାପ ବସିଛି। ଠିକଣା ସମୟରେ ଏହା ଆମେରିକାକୁ ଜବାବ ଦେବ।

ଅନିର୍ବାଣ ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନା

॥ ନିରଞ୍ଜନ ମେକାପ ॥

ନିଜ ମାତୃଭୂମି କନିକାକୁ ଫେରିଲା ପରେ ତତକାଳୀନ କନିକା ରାଜବଂଶର ୩୪ ତମ ରାଜା ରାଜେନ୍ଦ୍ର ନାରାୟଣ ଭଂଜଦେବ (୧୯୦୯ ରୁ ୧୯୪୮ ମସିହା) ଚଉଷଠି କର ବସାଇ ପ୍ରଜାମାନଙ୍କ ଜୀବନ ଦୁର୍ବିସହ କରିଦେଇଥିଲେ। ୧୯୧୪ ମସିହାର ଦୁର୍ଭିକ୍ଷରେ ପ୍ରପୀଡିତ କନିକା ବାସୀଙ୍କ ଉପରେ ରାଜାଙ୍କର କର ଓ ଅତ୍ୟାଚାର ପ୍ରଜାଙ୍କ ଦୁଃଖ ଦୁର୍ଦ୍ଦଶାକୁ ବହୁ ଗୁଣିତ କରିଥିଲା।

ଜଣେ ବ୍ୟକ୍ତି ନୁହନ୍ତି- ସେ ହେଉଛନ୍ତି ଇତିହାସ ସଂଚାଳିକା ମହାନଶକ୍ତିର ପ୍ରତିଭୂ-ଏକ ମହାନ ଗଣନେତା , ଜନସାଧାରଣଙ୍କ ଆଶା - ଆକଙ୍କ୍ଷା ଓ ସଂଗ୍ରାମର ପ୍ରତୀକ ଲୋହିତ ଲାଭା ସ୍ରୋତ- ମାନବସ୍ପାର ସର୍ବାତ୍ମକ ମୁକ୍ତିପାଇଁ ଦୁର୍ବାର ସଂଗ୍ରାମର ଅବିରଳ ଯୋଦ୍ଧା। ସେ ଜଣେ ମହାନାୟକ, ରକ୍ତ ସୂର୍ଯ୍ୟ ଅଥବା ଅଗ୍ନିପୁତ୍ରର ଭ୍ରୁଙ୍ଗ କଲେବଚ୍ଛା ସମାଜରୁ ବ୍ୟାପକ କ୍ଷେତ୍ରରେ ପରାଧୀନତା, ଦାସତ୍ୱ, ଶୋଷଣରୁ ମୁକ୍ତ ଓ ସାମାମଜିକ ନ୍ୟାୟର ପ୍ରତିଷ୍ଠା ସହଜ ଏକ ଉନ୍ନତ ଶାନ୍ତି, ସମତାପୂର୍ଣ୍ଣ ସମାଜର ଗଠନ ପାଇଁ ସେ ପ୍ରାଣପାତ କରିଯାଇଛନ୍ତି। ସେ ବିପ୍ଳବୀ ମାତ୍ର ବିଦ୍ରୋହୀ ନୁହଁନ୍ତି। ବିପ୍ଳବର ଅର୍ଥ ସାମାଜିକ, ଅର୍ଥନୀତିକ ଓ ରାଜନୀତି ବ୍ୟବସ୍ଥାର ଆମୂଳ ଚୁଳ ପରିବର୍ତନ। ବିପ୍ଳବର ଆଗ୍ନେୟ ସ୍ରୋତ ଦୁନିର୍ବାର। ବିପ୍ଳବ ସୃଷ୍ଟି ମାନାବାତ୍ମା ମୁକ୍ତ ପାଇଁ, ଶୋଷଣ ଅତ୍ୟାଚାରକୁ ପ୍ରତିରୋଧ କରିବା ପାଇଁ। ମଥିତ ଲାଂଛିତ ଦାସ ମଣିଷ ପାଇଁ କେଉଁ ଆଲ୍ଲା, ଗଡ କେଉଁ ଭଗବାନ, ଈଶ୍ୱର , ଜିହୋଦା ହାତ ବଢାଇ ମଣିଷକୁ ସାହାଯ୍ୟ କରିନଥାନ୍ତି। ତାର ପ୍ରଭୁ ହେଉଛନ୍ତି ଉଦୀପ୍ତ ଚେତନା ସମ୍ଭୁତ ପ୍ରବଳ ପ୍ରତିରୋଧ କରିପାରୁଥିବା ଜଣେ ଅଟଳ, ଅବିଚଳିତ, ମୁକ୍ତି ସଂଗ୍ରାମୀ ମଣିଷ। ସେହି ଆଗ୍ନେୟ ପ୍ରତିଭା, ସଂଗ୍ରାମୀ ମୁକ୍ତିର ପ୍ରଭଜନର ଅନ୍ୟନାମ ହେଉଛି ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନା, ଯିଏ ଜୀବନ ତମାମ କନିକାରାଜାଙ୍କ ୬୪ କର ଖଜଣାରୁ କନିକା ବାସୀଙ୍କୁ ମୁକ୍ତ କରିବା ପାଇଁ ସୃଷ୍ଟି କରିଥିଲେ କନିକା ପ୍ରଜା ଆନ୍ଦୋଳନ କଁଡର ଇଗଲ ସାଜି ଅତ୍ୟାଚାରୀ କନିକା ରାଜାଙ୍କ ଆଖି ହଜାଇଦେଇଥିଲେ ନିଦ୍ରାର ମହୁଲ ନିଶା। କନିକା ପ୍ରଜା ବିପ୍ଳବର ଆଗ୍ନେୟ ସଂଗ୍ରାମର ଫେନିକ ଉଦଗୀରଣକୁ କନିକା ରାଜା ତରବାରୀ , ବଚ୍ଛା, କମାଣ, ବନ୍ଧୁକ ଗୁଳିରେ ବାରମ୍ବାର ଦମନ କରିଛନ୍ତି। ମାତ୍ର ଆନନ୍ଦ ଚନ୍ଦ୍ରଙ୍କର ପୁସ୍ତକ 'ଦୁଃଖିନୀ କନିକା' ଭୈରବୀ ତାଳରେ ସାରା ଭାରତବର୍ଷରେ ଦେଖା ଦେଇଛି। ଅତ୍ୟାଚାରୀ କନିକା ରାଜାର ଅସଲ ସ୍ୱରୂପ । ତାଙ୍କୁ କନିକା ନରେଶ କରିଛନ୍ତି ନିର୍ବାସିତ, ଅତିଥ୍ୟା ଦ୍ୱାର ଦେଇ ତାଙ୍କ କରିଛନ୍ତି ସର୍ବନାଶ। ତଥାପି ସେ ଥିଲେ ବଜ୍ର ପରି ଅଟଳ , କାୟ ମନୋ ବାକ୍ୟରେ ଅନ୍ୟାୟ ଅତ୍ୟାଚାର ଓ ଶୋଷଣର ପ୍ରତିସ୍ପର୍ଦ୍ଧୀ। ଦୁଃଖିନୀ କନିକାରେ ସେ ଲେଖିଛନ୍ତି।

ଅନ୍ୟାୟ କଲି ଯେବେ ଭାଇ ସେ ଦଣ୍ଡ ପଡୁ ମୋହ ପାଇଁ
ଜୀବନ ଯଦି ଯିବ ଯାଉ ପଛକୁ ନ ହଟିବି ଆଉ
ପ୍ରକୃତ କହୁଁ କହୁଁ ଯେବେ ମୋ ପ୍ରାଣ ଯାଇପାରେ ତେବେ
ମଙ୍ଗଳ ହେବ ଭାଇଙ୍କର ଏଥକୁ କାହିଁ ପାଇଁ ଡର ମରଣ
ପଛେ ମୋତେ ହେଉ କାହାରି ବିପଦ ନ ରହୁ। ସେ ଦିନ
ଥିଲା ୧୮୮୪ ମସିହା, ଜୁଲାଇ ମାସ ୧୭ ତାରିଖ ଗୁରୁବାର।

୧୨୯୧ ସାଲ , ଶ୍ରାବଣ ୨୨ ଦିନ ଶୁକ୍ଳ ତ୍ରୟୋଦଶୀ ତିଥି ତୁହା ତୁହାକୁ ବର୍ଷା ଅଜାଡି ହୋଇ ପଡୁଥିଲା ଆକାଶରୁ। ପ୍ରାକ୍ତନ କନିକା ଇଷ୍ଟେଟ ଅନ୍ତର୍ଗତ ତାଳିକାଏନ୍ଦା ଗ୍ରାମର ଜଣାଶୁଣା ଆଭିଜାତ୍ୟ ଜେନା ବଂଶୀୟୁ ଗୋଟିଏ ଚାଳ ଗୃହ ମଧ୍ୟରୁ ଠିକ ରାତ୍ର ଅଢେଇ ପ୍ରହରରେ ଶୁଣାଗଲା ଏକ ଭୂମିଷ୍ଠ ଶିଶୁପୁତ୍ରର କୁଆଁ କୁଆଁ ରାବ ଛଅ ଝିଅ ପରେ ପୁତ୍ରଟିକୁ ପାଇଁ ଆନ୍ଦରେ ଉଲୁସି ହୋଇ ଉଠିଥିଲେ ଯୁବକ ପୋଲିସ ଖଗେଶ୍ୱର ଜେନା। ବର୍ଷା ଭିଜା ଆକାଶ ପଣତରେ ଥରକୁ ଥର ମୁହଁ ଲୁଚାଇଥିବା ତ୍ରୟୋଦଶ ତିଥିର ଚନ୍ଦ୍ରକୁ ଚାହିଁ ପୁତ୍ରର ନାମ ରଖିଥିଲେ ଆନନ୍ଦ ଚନ୍ଦ୍ର।

ସ୍ୱାଧୀନ ଚରଣ ଖଗେଶ୍ୱର ଘଟଣା ଚକ୍ରରେ ବିଶ୍ରାମ ପୋଲିସ ବାହିନୀକୁ ତ୍ୟାଗ କରି ଜୀତିବା ଉଦ୍ଦେଶ୍ୟରେ ଯାଆନ୍ତି କଲିକତା ସହର ସ୍ଥିତ ଜଗଦଳପୁରକୁ ଏକ ଲୁହା କଂଟା ଦୋକାନ କରିବାକୁ। ଶିଶୁ ଆନନ୍ଦ ଚନ୍ଦ୍ର ପ୍ରାଥମିକ ଶିକ୍ଷା ସମାପ୍ତ କରି ଚାନ୍ଦବାଲି ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ଅଧ୍ୟୟନ କଲାବେଳେ ପ୍ରଥମେ ଶୁଣିଥିଲେ କନିକା ରାଜାଙ୍କର ଅତ୍ୟାଚାରର କାହାଣୀ। ତା ପରେ ସେ କନିକା ରାଜାଙ୍କ ବିରୁଦ୍ଧରେ ବିଦ୍ରୋହ କରିବାକୁ ତାଙ୍କ ମନରେ ବିଦ୍ରୋହର ବୀଜ ବପନ ହୁଏ, ମାତ୍ର କନିକା ରାଜାଙ୍କ ରାଜ କର୍ମଚାରୀଙ୍କ ଦ୍ୱାରା ଅପମାନିତ ହୋଇ ନିଜ ପିତାଙ୍କ ନିକଟକୁ ଯାଇ ସେଠାରେ ଏଂଟ୍ରାନ୍ସ ପାଶ କରିବା ପରେ କିଛିଦିନ ଖ୍ୟାତିନାମ ଆଇନଜୀବୀ ଦେଶ ସେବକ ଚିରଂଜନ ଦାସଙ୍କ ନିକଟରେ ମୁକ୍ତାର କାମ କଲେ। ଏହି ଠାରେ ସେ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ ବିପ୍ଳବୀ ଅରବିନ୍ଦ ଘୋଷ (ପରେଯୋଗୀ ଅରବିନ୍ଦ) ରାସ ବିହାରୀ ବୋଷଙ୍କ ପରେ ବିଶିତଷ୍ଟ ସ୍ୱାଧୀନତା ସଂଗ୍ରାମର ଲଢେଇ କରିବାର ପ୍ରଚଣ୍ଡ ସୃହା ଜାତ ହୋଇଥିଲା ଏହାପରେ ବଙ୍ଗଭଙ୍ଗ ଆନ୍ଦୋଳନରେ ଗିରଫ ହେଲା ପରେ ଗାନ୍ଧିଜୀଙ୍କ ସାବରମତୀ ଆଶ୍ରମରେ ଜଣେ ପ୍ରଥମ ଓଡିଆ ଛାତ୍ର ଭାବେ ଯୋଗ ଦେଇଥିଲେ। ସେଠାରେ ସରୋଜିନି ନାଇଡୁ, ଈଶ୍ୱର ଲାଲ ବ୍ୟାସ, ଆଚାର୍ଯ୍ୟ କୁପାଳିନଦୀ, ଡଃ ସାବରକ୍ୟ, ମନମୋହନ ମାଲବ୍ୟଙ୍କ ନିକଟତର ହୋଇ ବିପ୍ଳବ ଚେତନାକୁ ଆହୁରି ଶାଣିତ କରିଥିଲେ, ଉକ୍ତ ପ୍ରହ୍ଲାଦଙ୍କ ସମ୍ବନ୍ଧରେ ତାଙ୍କର ମୌଳିକ ଚିଂଧାରାରେ ମୁଗ୍ଧ ହୋଇ ଗାନ୍ଧିଜୀ ତାକୁ ବିପ୍ଳବୀ ଆନନ୍ଦ ଚନ୍ଦ୍ର ଭାବେ ଚିହ୍ନଟ କରିଥିଲେ।

ନିଜ ମାତୃଭୂମି କନିକାକୁ ଫେରିଲା ପରେ ତତକାଳୀନ କନିକା ରାଜବଂଶର ୩୪ ତମ ରାଜା ରାଜେନ୍ଦ୍ର ନାରାୟଣ ଭଂଜଦେବ (୧୯୦୯ ରୁ ୧୯୪୮ ମସିହା) ଚଉଷଠି କର ବସାଇ ପ୍ରଜାମାନଙ୍କ ଜୀବନ ଦୁର୍ବିସହ କରିଦେଇଥିଲେ। ୧୯୧୪ ମସିହାର ଦୁର୍ଭିକ୍ଷରେ ପ୍ରପୀଡିତ କନିକା ବାସୀଙ୍କ ଉପରେ ରାଜାଙ୍କର କର ଓ ଅତ୍ୟାଚାର ପ୍ରଜାଙ୍କ ଦୁଃଖ ଦୁର୍ଦ୍ଦଶାକୁ ବହୁ ଗୁଣିତ କରିଥିଲା।

ଏହାପରେ ସେ ତାଙ୍କର ଜନ୍ମସ୍ଥାନ ତାଳିକାଏନ୍ଦର ମେଘପୁର ଗ୍ରାମର ଶେଷ ମୁଣ୍ଡରେ କେବର୍ତା ପୋଖରୀ ପାଖରେ ଏକ ବିଦ୍ୟାଳୟ ସ୍ଥାପନ କରି ଅତ୍ୟାଚାରୀ ରାଜତନ୍ତ୍ର ବିରୁଦ୍ଧରେ ଜନସାଧାରଣଙ୍କୁ ସଙ୍ଗଠିତ କରିବାକୁ ଲାଗିପଡିଲେ। ଏହି ବିଦ୍ୟାଳୟରେ ନିଜେ ଶିକ୍ଷକତା କରୁଥିଲା ସମୟରେ ତାଙ୍କର ଅଗ୍ନିବର୍ଷୀ ଲେଖନୀରୁ ନିସୃତ ହୋଇଥିଲା ଦୁଃଖିନୀ କନିକା ନପର ଶାଣିତ ରଚନା। ଏହି ପୁସ୍ତକ କନିକା ପ୍ରଜାମାନଙ୍କ ପ୍ରାଣରେ ବିଦ୍ରୋହର ନିଆଁ ଜଳାଇ ଦେଇଥିଲା। ଉତ୍କଳ ମଣି ଗୋପବନ୍ଧୁ ସେହି ସମୟରେ ଓ ପୁସ୍ତକ ପଢିଲେଖିଥିଲେ।

ଦୁଃଖିନୀ କନିକା ପୁସ୍ତକ ଇଂରାଜୀରେ ଗୋପବଂଧୁଙ୍କ ଦ୍ୱାରା ଅନୁଦିତ ହୋଇ ଗାନ୍ଧିଜୀଙ୍କ ୟଙ୍ଗ ଇଣ୍ଡିଆ ପତ୍ରିକାରେ ପ୍ରକାଶ ପାଇଲା ପରେ କନିକା ରାଜାଙ୍କ ଅସଲ ସ୍ୱରୂପ ଉନ୍ମୋଚିତ ହୋଇ ଯାଇଥିଲା। ତେଣୁ ରାଜା ଉତକ୍ଷିପ୍ତ ହୋଇ ନିଜ ରାଜ୍ୟରେ ଦୁଃଖିନୀ କନିକା ପୁସ୍ତକକୁ ବେଆଇନ ଘୋଷଣା କରି ଆନନ୍ଦ ଚନ୍ଦ୍ରଙ୍କୁ ଗିରଫ କରିବାକୁ ଶପଥ ନେଇଥିଲେ। ମେଘପୁର ବେବର୍ତ୍ତା ପୋଖରୀ ହୁଡାରେ ଏକ ସଭା ଆୟୋଜିତ କରି ପ୍ରଜାମାନଙ୍କୁ ସେ ଉଦବୋଧନ ଦେଉଥିଲାବେଳେ କନିକା ରାଜାଙ୍କ ଅନୁରୋଧ କ୍ରମେ ତତକାଳୀନ ବିଟ୍ରିଶ ସରକାର ଜଗତସିଂହପୁର ଦେଓ୍ୱାନ ବାହାଦୂର ଶ୍ରୀକୃଷ୍ଣ ମହାପାତ୍ରଙ୍କୁ ଏଠାକୁ ପଠାଇଥିଲେ। ଭାରତ ସ୍ୱାଧୀନତାକୁ ବାରମ୍ବାର ପଣ୍ଡକରିଥିବା ଏହି ଦେଶ ବିଦ୍ରୋହୀ ଶ୍ରୀକୃଷ୍ଣ ମହାପାତ୍ରଙ୍କ ନିର୍ଦ୍ଦେଶରେ ଆଖିବୁଜା ଗୁଳି ଚଳାଇଥିଲା ପୋଲିସ, ଦୁଇ ନିରୀହ ଆନ୍ଦୋଳନକାରୀ ବାସୁସେଠୀ ଓ ବିଶୁନି ମଡୁଆଳ ସେହି ଗୁଳି ଚୋଟରେ ପ୍ରାଣ ହରାଇଥିଲେ। ରକ୍ତରଂଜିତ ଜାଲିଓ୍ୱାନାବାଗ ଓ ରାକ୍ତ ମାଟି ଇରମର ସେଠାରେ ହୋଇଥିଲା ପୁନରାବୃତି। ପ୍ରଜାଙ୍କ ଧନକୁ ଅପହରଣ କରି ଅତ୍ୟାଚାର କରୁଥିବା ଚାଲୁଣିଆ କଚେରୀର ରାଧାଶ୍ୟାମ ଦାସଙ୍କୁ କିନ୍ତୁ ରାଜାସାହେବ ଦେଇଥିଲେ ପୁରସ୍କାର। ପୋଲିସ ଗ୍ରାମ ଗ୍ରାମ ଘରେ ଘରେ ବୁଲି ଆରମ୍ଭ କରିଥିଲା ଦମନଲୀଳା

ଶେଷରେ କନିକାରାଜା ବିପ୍ଳବୀ ଆନନ୍ଦଚନ୍ଦ୍ରକୁ କନିକାରୁ ନିର୍ବାସିତ କରିଥିଲେ। ତାଙ୍କର ଥିବା ପୈତୃକ ୪୨ ଏକର ସମ୍ପତିକୁ ବ୍ୟାଜାପ୍ତି କରି ଦେଲେ ନିଜେ କନିକା ରାଜା ଶେଷରେ ଖବର ପାଇ ସ୍ୱର୍ଗତ ଗୋପବନ୍ଧୁ ଚୌଧୁରୀ, ଯଦୁମଣି ମଙ୍ଗରାଜ, ସଚ୍ଚୁଚରଣ ବେହେରା, ଡଃ ଅଟଳ ବିହାରୀ ଆଚାର୍ଯ୍ୟ, ମୁଖ୍ୟ ସଂଯୋଜିକା ରାମ ଦାସ ବାବାଜୀ ମାନେ କନିକା ରାଜାଙ୍କ ବିରୁଦ୍ଧରେ ବିକ୍ଷୋଭ କରିଥିଲେ। ନିରୂପାୟ ହୋଇ ପିଲାଛୁଆଙ୍କୁ ସଙ୍ଗରେ ଧରି କେନ୍ଦ୍ରାପଡା ସହର ଆଁ'ଗତ ହଜାରୀବଗିଚା ଗ୍ରାମକୁ ଆସି ବସବାସ କରିଥିଲେ ଆନନ୍ଦ ଚନ୍ଦ୍ର। ତାଙ୍କର ଏକ କୁଟୀର ଥିଲା ସ୍ୱାଧୀନତା ସଂଗ୍ରାମୀଙ୍କ ମିଳନ କ୍ଷେତ୍ର ଏଠାରେ ଉତ୍କଳ ମଣି ଗୋପବନ୍ଧୁ ଦାସ, ହରେକୃଷ୍ଣ ମହତାବ, ରଘୁନାଥ ମହାନ୍ତି, ଘନଶ୍ୟାମ ମହାନ୍ତି, ରାଜକୃଷ୍ଣ ବୋଷ, ବ୍ରଜବନ୍ଧୁ ସିଂହ ଓ ଶ୍ରୀଧର ସାହୁଙ୍କ ସହିତ ପ୍ରତ୍ୟହ ସଂପର୍କ ରଖୁଥିଲେ ଆନନ୍ଦ ଚନ୍ଦ୍ର । ଶେଷରେ ତାଙ୍କୁ ଜୀବନରେ ମାରିଦେବା ପାଇଁ ଦୁଇଜଣ ରାଜଭକ୍ତଙ୍କୁ ହଜାରିବଗିଚା ପ୍ରେରଣ କରିଥିଲେ ରାଜା ସାହେବ ଏହି ଦୁଇଜଣ କନିକାବାସୀ ରାଜାଙ୍କ ବିରୁଦ୍ଧରେ ମିଥ୍ୟା ପ୍ରଳାପ କରି ତାଙ୍କ ବାସଭବନରେ ତାଙ୍କ ଖାଦ୍ୟରେ ବିଷ ମିଶାଇ କନିକା ଫେରିଯାଇଥିଲେ। ବନ୍ଧୁ ଡାକ୍ତର କାଟୁଳ ବିହାରୀ ଆଚାର୍ଯ୍ୟ ଓ କମ୍ପାଉଣ୍ଡର ବ୍ରଜବନ୍ଧୁ ସିଂହଙ୍କ ଅକ୍ଲାନ୍ତ ପ୍ରଚେଷ୍ଟା ସତ୍ୱେ ଏ ବିପ୍ଳବୀ ବୀର ଆନନ୍ଦ ଚନ୍ଦ୍ରଙ୍କର ୧୯୪୬ ମସିହା ଜାନୁଆରୀ ମାସ ୨୭ ତାରିଖ ଦିନ ଦେହାନ୍ତ ହୋଇଯାଇଥିଲା। ଏଥି ପୂର୍ବରୁ ସେ ଜୀବିକା ନିର୍ବାହ କରିବା ପାଇଁ କେନ୍ଦ୍ରାପଡା ଜେଲ ନିକଟରେ ପାନ ଦୋକାନ କଟକରୁ ଆଣି ପିଲାଙ୍କ ବହିପତ୍ର ବିକ୍ରି ଓ ଶେଷରେ ସହର ବୁଲି ବୁଲି ଖବର କାଗଜ ବିକିଥିଲେ। ତଥାପି ଏତେ କଣେ ସତ୍ୱେ ଜୀବନର ଶେଷ ମୂହୁର୍ତ ପର୍ଯ୍ୟନ୍ତ ବିପ୍ଳବର ବହ୍ନିଶିଖା ତାଙ୍କ ଜୀବନରେ ଅନିର୍ବାଣ ହୋଇରହିଛି, ରହିଥିବ କେତେ କାଳଛୁ, ସେ କଥା କିଏ କହିବ।

ଶ୍ରୀ ବଳଦେବଜୀଉ, କେନ୍ଦ୍ରାପଡା

ମୋ-୭୮୭୩୯୮୩୯୧୧

'ମନୁଷ୍ୟ ଜୀବନେ ଏ ଲାଭ...

॥ ହିମାଂଶୁ ଶେଖର ସେଠୀ ॥

ଜନ୍ମ ମୃତ୍ୟୁର ନିଗୁଢ଼ ବ୍ୟୁହଭେଦ ମାନବର ସୀମିତ ମନବୁଦ୍ଧିର ଅଗୋଚର। ଏ ଅନିତ୍ୟ ସଂସାରରେ ଜନ୍ମ ନେଲେ ଯିବାକୁ ହିଁ ହୁଏ ଦିନେ ବାସ୍ତବରେ ଯିବାଟା ହିଁ ସତ୍ୟ ଯାହା ପ୍ରମାଣ କରେ ପୁଣି ଥରେ ଆସିବାକୁ। ମାତ୍ର ଯେଉଁମାନେ ପରମପୁରୁଷ ଭଗବତ୍ କୃପାଭିକ୍ଷୁ ଓ ସେବକ ସେମାନେ ଆପଣାର ସ୍ମୃତିକୁ ପଦଚିହ୍ନ ଛାଡ଼ି ଯାଆନ୍ତି ପରବର୍ତ୍ତୀ ସମୟର ଜନମାନସ ପାଇଁ। ଗୀତାରେ ଭଗବାନ କହିଛନ୍ତି 'ଯିଏ କାହାକୁ ପୀଡ଼ା ନଦିଏ ତାକୁ କେହି ପୀଡ଼ା ଦିଏ ନାହିଁ। ଯିଏ ହସ ଓ ବିଶାଦ ଭାବ ଛାଡ଼ି ବିଶ୍ୱକୁ ବ୍ରହ୍ମମୟ ଦେଖେ ତାର ମନରେ ଭୟ ନଥାଏ, ସେ ମୋର ପ୍ରିୟ ଅଟେ।' 'ମାନବ ଜୀବନ ନୁହଁଇ କେବଳ ବର୍ଷ ମାସ ଦିନ ଦଣ୍ଡ, କର୍ମେ ଯିଏ ନର କର୍ମ ଏକା ତାର ଜୀବନର ମାନ ଦଣ୍ଡ' - ଦୁର୍ଲ୍ଲଭ ମଣିଷ ଜୀବନର ସଫଳତା କେବଳ କର୍ମ ଉପରେ ହିଁ ନିର୍ଭର କରିଥାଏ। ଏ ସଂସାରରେ କେତେ ବର୍ଷ ଜୀବନ ଧାରଣ କରାଗଲା ତାହ

ପାରାଦୀପ ପୌରପାଳିକା ୧୪ ନମ୍ବର ୱାର୍ଡ ସଫେଇ ବ୍ୟବସ୍ଥା ବିପର୍ଯ୍ୟସ୍ତ ଠିକାଦାର-ଜମାଦାରଙ୍କ ମଧୁଚନ୍ଦ୍ରିକା- ବଦନାମ ମୁଣ୍ଡାଉଛି ପୌରପାଳିକା

ପାରାଦୀପ, (ମହାଭାରତ): ସ୍ୱଚ୍ଛତା ସର୍ବେକ୍ଷଣରେ ସମଗ୍ର ଦେଶରେ ଏକ ନମ୍ବର ସ୍ଥାନ ଅଧିକାର କରିଥିବା ପାରାଦୀପ ପୌରପାଳୀକାର ୧୪ ନମ୍ବର ୱାର୍ଡ ନୂଆବଜାର ଅଂଚଳର ପରିମଳ ବ୍ୟବସ୍ଥା ଦିନକୁ ଦିନ ଅତି ତଳସ୍ତରକୁ ଖସିଗଲାଣି । ଠିକାଦାର ଓ ପୌର ଜମାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁଁ ନୂଆବଜାର ଅଂଚଳର ରାସ୍ତାକଡରେ କୁଡକୁଡ ଅଳିଆ ଗଦା ହୋଇ ରହୁଛି । ଦୀର୍ଘ ଦିନ ଧରି ଅଳିଆ ସଫା ନହେବା ଯୋଗୁଁ ପବନରେ ଅଳିଆ ଉଡି ରାସ୍ତାରେ ଯାଉଥିବା ଲୋକଙ୍କ ଦେହରେ ବାଜୁଛି । ଠିକାଦାରଙ୍କ ମନମାନି ଯୋଗୁଁ ଅଳିଆ ଉଠାଇବାର ଅର୍ଥ ହଡପ ହେଉଥିବା ନେଇ ସାଧାରଣରେ ଅଭିଯୋଗ ହେଉଛି । ଠିକାଦାର ଅଳିଆ ଉଠାଇବା ପାଇଁ ଟ୍ରାକ୍ଟରର ବ୍ୟବସ୍ଥା ଥିବା ବେଳେ ଏଥି ପାଇଁ ପୌରପାଳିକା ଦ୍ୱାରା ଅର୍ଥ ବରାଦ ରହିଛି । ସଂପୃକ୍ତ ଠିକାଦାର ନୂଆବଜାର ଅଂଚଳରେ ଟ୍ରାକ୍ଟରରେ ଅଳିଆ ଉଠଇବାର କେହି ଦେଖି ନାହାନ୍ତି । ଏକ ଟ୍ରଲି ମାଧ୍ୟମରେ ନାଁକୁ ମାତ୍ର ଅଳିଆ ଉଠାଯାଉଥିବା ଦେଖିବାକୁ ମିଳୁଛି । ଅଳିଆ ପର୍ଯ୍ୟାପ୍ତ ପରିମାଣରେପଡି ରହୁଥିବା ବେଳେ କିଛି ନାମକୁ ମାତ୍ର ଲୋକଙ୍କୁ ନେଇ ଅଳିଆ ସଫା କରାଯାଉଛି । ଅଳିଆକୁ ସ୍ଥାନାନ୍ତରିତ ନହୋଇ ପଡି ରହୁଥିବାରୁ ଠିକାଦାର ଅଳିଆକୁ ସେହି ସ୍ଥାନରେ ପୋଡି ଦେଉଛନ୍ତି । ପଲିଥିନ୍, ଅଳିଆ ଆଦି ପୋଡା ହେବା ଦ୍ୱାରା ବାୟୁ ପ୍ରଦୂଷଣ ସୃଷ୍ଟି ହେଉଛି । ପୌରପାଳିକା ଦ୍ୱାରା ନୂଆବଜାର ଅଂଚଳରେ ମଶା ତେଲ, ବ୍ଲିଚିଂ ପାଉଡର ପକାଇବାକୁ ଦିଆଯାଉଥିବା ବେଳେ ଦୀର୍ଘ ଦିନ ଧରି ଠିକାଦାର ଏହାକୁ ପକାଉ ନାହାନ୍ତି, ତେବେ ଏହି ମଶା ତେଲ ଓ ବ୍ଲିଚିଂ ପାଉଡର କଣ ହେଉଛି ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ମଶାଙ୍କ ପ୍ରାଦୃଭାବ ଏତେ ବଢିଗଲାଣି ଯେ, ଦିନକଣ ରାତି କଣ ଲୋକମାନ ଘର ବାହାରେ ଟିକେ ଠିଆ ବି ହୋଇ ପାରୁ ନାହାନ୍ତି । ମଶା ତେଲ, ବ୍ଲିଚିଂ ପାଉଡତ କୁଆଡେ ଯାଉଛି, ଖନଣ ହେଉଛି, ଡ୍ରେନ୍ ଆଦିରେ ପକା ହେବାକୁ ଆସୁଥିବା ଏହି ସାମଗ୍ରି କୁଆଡେ ଯାଉଛି ପାରାଦୀପ ପୌରପାଳିକା ପକ୍ଷରୁ ଏହା ଉପରେ ଅନୁସନ୍ଧାନ କରିବାକୁ ଦାବୀ ହେଉଛି । ଆଉ ଅଳ୍ପଦିନ ପରେ ପୌର ନିର୍ବାଚନ ହେବାକୁ ଥିବା ବେଳେ ନୂଆବଜାର ଅଂଚଳର ଏହି ଠିକାଦାରଙ୍କ ପାଇଁ ପାରାଦୀପ ପୌରପାଳିକା ବଦନାମ ମୁଣ୍ଡଉ ଥିବା ନେଇ ଚର୍ଚ୍ଚା ହେଉଛି ।

ଇଫକୋ ପରିଚାଳନା ନିର୍ଦ୍ଦେଶକ କେ.ଜେ.ପଟେଲଙ୍କ ଜନ୍ମ ଦିବସରେ ରକ୍ତଦାନ ଶିବିର



ପାରାଦୀପ, (ମହାଭାରତ): ମନୁଷ୍ୟ ଜୀବନ ରକ୍ଷା ପାଇଁ ରକ୍ତର ଆବଶ୍ୟକତା ରହିଛି । ଏହାକୁ ହୃଦୟଙ୍ଗମ କରି ଇଫକୋ ପାରାଦୀପ ୟୁନିଟ୍ ପରିସରରେ ଏକ ମେଗା ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ଇଫକୋର ପରିଚାଳନା ନିର୍ଦ୍ଦେଶକ କେ.ଜେ.ପଟେଲଙ୍କ ଜନ୍ମଦିନ ଅବସରରେ ଏହି ମେଗା ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଆଭାସୀ ମାଧ୍ୟମରେ ଶ୍ରୀ ପଟେଲ ଏହି ରକ୍ତଦାନ ଶିବିରକୁ ଉଦଘାଟନ କରିଥିଲେ । ଉଦଘାଟନୀ ସମୟରେ ଇଫକୋର ପ୍ରଥମ ମହିଳା ମମତା ପଟେଲ୍, ଇଫକୋ ପାରାଦୀପ ୟୁନିଟ୍ ହେଡ୍ ଅନିରୁଦ୍ଧ ବିକ୍ରମ ସିଂହ, ଜ୍ୟୋତି ମହିଳା ସମିତିର ସଭାନେତ୍ରୀ ଏକତା ସିଂହ ଉପସ୍ଥିତ ଥିଲେ । ଏହି ଶିବରରେ ଇଫକୋ ବରିଷ୍ଠ ସାଧାରଣ ପ୍ରବନ୍ଧକ କେ.ଆର୍.ଏନ.ମୂର୍ତୀ, ଇଫକୋ ଜ୍ୟୋତି ମହିଳା ସମିତିର ଉପସଭାନେତ୍ରୀ ସୁଚିତ୍ରା ମୂର୍ତୀ, ସାଧାରନ ପ୍ରବନ୍ଧକ ଧରଣୀଧର ନାୟକ, ଆର୍.କେ.ସ୍ୱାଇଁ, ଏ.କେ.ସିଂହ, ବି.କେ.ମିଶ୍ର, ବି.କେ. ମାହାତୋ, ବି.ଏନ.ଟୁଡୁ, ଜେଜିଏମ୍ ଏନ.ପି.ସିଂହ, ଜି.ଶିବଶଙ୍କର, ମୁଖ୍ୟଚିକିତ୍ସାଧିକାରୀ ଡା. ପୁଷ୍ପା ମହାନ୍ତିପିଆଣ୍ଡଏ ମୁଖ୍ଯ ବି.କେ.ପରିଡା, ଇଫକୋ ଅଧିକାରୀ ସଂଘ ସଭାପତି ଏସ.କେ.ଜେନା, ସମ୍ପାଦକ ସତ୍ୟଜିତ୍ ଖୁ□ିଆ, ଇଫକୋ କର୍ମଚାରୀ ସଂଘ ସଭାପତି ପ୍ରଶାନ୍ତ କୁମାର ସ୍ୱାଇଁ, ସମ୍ପାଦକ ଟି.ଆର.ପୁହାଣ, ଇଫକୋ ଡିଏଭି ସ୍କୁଲ ଅଧ୍ୟକ୍ଷ ସନ୍ଦିତ କୁମାର ଚିନାରା, ଇଫକୋ ଲୋକ ସମ୍ପର୍କ ଅଧିକାରୀ ଡ. ପ୍ରସନ୍ନ କୁମାର ବେଉରା ପ୍ରମୁଖ ଉପସ୍ଥିତ ଥିଲେ । ଆଭାସୀ ମାଧ୍ୟମରେ ଶ୍ରି ପଟେଲ ମନୁଷ୍ୟ ଜୀବନରେ ରକ୍ତର ଆବଶ୍ୟକତା ସମ୍ପର୍କର ବକ୍ତବ୍ୟ ପ୍ରଦାନ କରିଥିଲେ । ଇଫକୋ ପାରାଦୀପ ୟୁନିଟ୍ ଏହି ମେଗା ରକ୍ତଦାନ ଶିବିର ଆୟୋଜନ କରି ଏକ ମହତ୍ କାର୍ଯ୍ୟ କରିଥିବା ସେ କହିଥିଲେ । ଇଫକୋ ସବୁବେଳେ କୃଷି ଏବଂ କୃଷକ ସଶକ୍ତୀକରଣ ଦିଗରେ ଏକ ସ୍ୱତନ୍ତ୍ର ଇତିହାସ ସୃଷ୍ଟି କରିଛି । କେବଳ ଭାରତରେ ନୁହେଁ ସମଗ୍ର ବିଶ୍ୱରେ ଇଫକୋର ଦକ୍ଷତା ବହୁ ଉପରେ । ଏହି ରକ୍ତଦାନ ଶିବାର ଆୟୋଜନ କରି ମାନବ ଜୀବନ ରକ୍ଷା ଦିଗରେ ଇଫକୋ ପାରାଦୀପ ୟୁନିଟ୍ ଏକ ନୂତନ ସନ୍ଦେଶ ପ୍ରଦାନ କରିଛି ।

ନିଶାସକ୍ତ ଅବସ୍ଥାରେ ଗାଡ଼ି ଚାଳନା ଓ ପୋଲିସକୁ ଆକ୍ରମଣ ଅଭିଯୋଗରେ ଦୁଇ ଗିରଫ

ଗଣିଆ, (ମହାଭାରତ): ନିଶାସକ୍ତ ଅବସ୍ଥାରେ ବାଇକ୍ ଚଳାଇବା ସହ କାର୍ଯ୍ୟରତ ପୋଲିସ କର୍ମଚାରୀଙ୍କୁ ଦୁର୍ବ୍ୟବହାର ଓ ଆକ୍ରମଣ କରିବା ଅଭିଯୋଗରେ ଗଣିଆ ପୋଲିସ ଦୁଇଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଗଣିଆ ଥାନା ଅନ୍ତର୍ଗତ ପାଟଣ୍ଡା ଗ୍ରାମର ସନାତନ ନାୟକଙ୍କ ପୁଅ ସିଲୁ ଚରଣ ନାୟକ (୩୨) ଏବଂ କଟକ ଜିଲ୍ଲା ନରସିଂହପୁର ଥାନା ଅନ୍ତର୍ଗତ ପାଟଣ୍ଡା ନୂଖାପଡ଼ା ଗ୍ରାମର ଭଗବାନ ଭୋଳଙ୍କ ପୁଅ ବାଦଲ ଓରଫ ରଞ୍ଜିତ ଭୋଳ (୩୮) । ସୂଚନା ଅନୁଯାୟୀ, ଗଣିଆ ଥାନା ଏସ୍.ଆଇ ଶ୍ୟାମସୁନ୍ଦର ପ୍ରଧାନ ଚୌବଙ୍ଗ ଛକ ନିକଟରେ ଯାଞ୍ଚ କରୁଥିବା ସମୟରେ ଉକ୍ତ ଦୁଇ ଅଭିଯୁକ୍ତ ନିଶାସକ୍ତ ଅବସ୍ଥାରେ ବାଇକ୍ ଚଳାଇ ଆସୁଥିବା ଦେଖି ସେମାନଙ୍କୁ ଅଟକାଇଥିଲେ । ଏଥିରେ ଉତକ୍ଷିପ୍ତ ହୋଇ ଅଭିଯୁକ୍ତ ଦ୍ୱୟ ପୋଲିସ କର୍ମଚାରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଧମକଚମକ ଦେଇ ଆକ୍ରମଣ କରିଥିଲେ । ଏହି ଘଟଣାରେ ପୋଲିସ ସେମାନଙ୍କ ବାଇକ୍ ଜବତ କରିବା ସହ ଏସ୍.ଆଇ ଶ୍ୟାମସୁନ୍ଦର ପ୍ରଧାନଙ୍କ ରିପୋର୍ଟ ଆଧାରରେ ଗଣିଆ ଥାନାରେ କେସ୍ ନଂ ୧୭୧/୨୦୨୬ ଦଫା ୨୮୧/୨୯୬/୧୧୫(୨)/୩୫୧(୨)/୧୨୧/୩(୫) ବିଏନ୍ଏସ୍ ଓ ୧୮୫ ଏମ୍.ଭି ଆକ୍ଟ ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଛି । ତଦନ୍ତକାରୀ ଅଧିକାରୀ ଏ.ଏସ୍.ଆଇ ସାହା ଆଲାମ ଖାନ୍ ମାମଲାର ତଦନ୍ତ କରି ଉଭୟ ଅଭିଯୁକ୍ତଙ୍କୁ ଗିରଫ କରିବା ପରେ କୋର୍ଟ ଚାଲାଣ କରିଥିଲେ । ସେଠାରେ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତ କୁ ପଠାଇ ଦିଆଯାଇଛି ।

ଖପ୍ରାଖୋଲ ବ୍ଲକ ଚଙ୍ଗରିଆ ଅଞ୍ଚଳରେ ଏୟାରଟେଲ୍ ନେଟୱାର୍କ ସମସ୍ୟା, ଉପଭୋକ୍ତା ହନ୍ତସନ୍ତ

ପାଟଣାଗଡ (ମହାଭାରତ): ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ଚଙ୍ଗରିଆ ଅଞ୍ଚଳରେ ଏୟାରଟେଲ୍ ମୋବାଇଲ୍ ନେଟୱାର୍କ ସେବାରେ ସମସ୍ୟା ଦେଖା ଦେଇଛି । ଦୀର୍ଘଦିନ ଧରି ନେଟୱାର୍କ ଠିକ୍ ଭାବରେ କାମ କରୁନଥିବାରୁ ଅଞ୍ଚଳର ଏୟାରଟେଲ୍ ଉପଭୋକ୍ତାମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି । ସ୍ଥାନୀୟ ଅଞ୍ଚଳରେ ମୋବାଇଲ୍ ନେଟୱାର୍କ ସିଗନାଲ୍ ଦୁର୍ବଳ ରହୁଥିବାରୁ ଫୋନ୍ କଲ୍ କରିବା ସମୟରେ ବାରମ୍ବାର କଲ୍ କଟିଯାଉଛି । ଅନେକ ସମୟରେ ଅନ୍ୟ ପକ୍ଷର କଥା ଠିକ୍ ଭାବରେ ଶୁଣାଯାଉନାହିଁ । ସେହିପରି ଇଣ୍ଟରନେଟ୍ ସେବା ମଧ୍ୟ ମନ୍ଥର ଗତିରେ ଚାଲୁଥିବାରୁ ଅନଲାଇନ୍ କାର୍ଯ୍ୟ କରିବାରେ ଉପଭୋକ୍ତାମାନେ ହଇରାଣ ହେଉଛନ୍ତି । ବର୍ତ୍ତମାନର ଡିଜିଟାଲ୍ ଯୁଗରେ ମୋବାଇଲ୍ ନେଟୱାର୍କ ଏକ ଅତ୍ୟାବଶ୍ୟକ ସେବା ପାଲଟିଛି । ଛାତ୍ରଛାତ୍ରୀଙ୍କ ଅନଲାଇନ୍ ପାଠପଢ଼ା, ବିଭିନ୍ନ ସରକାରୀ ଯୋଜନାର ଅନଲାଇନ୍ କାର୍ଯ୍ୟ, ବ୍ୟାଙ୍କିଙ୍ଗ୍ ସେବା, ଡିଜିଟାଲ୍ ପେମେଣ୍ଟ ଏବଂ ଜରୁରୀକାଳୀନ ଯୋଗାଯୋଗ ପାଇଁ ମୋବାଇଲ୍ ଇଣ୍ଟରନେଟ୍ ଉପରେ ଲୋକେ ନିର୍ଭର କରୁଛନ୍ତି । କିନ୍ତୁ ନେଟୱାର୍କ ସମସ୍ୟା ଯୋଗୁଁ ଏହି ସବୁ କାର୍ଯ୍ୟରେ ବାଧା ଉପୁଜୁଛି । ଏହି ସମସ୍ୟାକୁ ନେଇ ଅଞ୍ଚଳର ଉପଭୋକ୍ତାମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି । ମୋବାଇଲ୍ ସେବା ପାଇଁ ନିୟମିତ ରିଚାର୍ଜ କରୁଥିଲେ ମଧ୍ୟ ଆବଶ୍ୟକ ସମୟରେ ଠିକ୍ ଭାବରେ ନେଟୱାର୍କ ସେବା ମିଳୁନଥିବା ନେଇ ଉପଭୋକ୍ତାମାନେ ପ୍ରଶ୍ନ ଉଠାଇଛନ୍ତି । ତେଣୁ ଏୟାରଟେଲ୍ କମ୍ପାନୀର ଉଚ୍ଚ କର୍ତ୍ତୃପକ୍ଷ ଏହି ସମସ୍ୟାକୁ ଗୁରୁତ୍ୱର ସହ ନେଇ ଚଙ୍ଗରିଆ ଅଞ୍ଚଳରେ ନେଟୱାର୍କ ସ୍ଥିତି ଯାଞ୍ଚ କରିବା ସହ ଯଥାଶୀଘ୍ର ଉନ୍ନତ ମାନର ନେଟୱାର୍କ ସେବା ଯୋଗାଇଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି । ଏହି ସମସ୍ୟାର କେବେ ସମାଧାନ ହେଉଛି, ତାହାକୁ ନେଇ ଏବେ ଅଞ୍ଚଳବାସୀଙ୍କ ଅପେକ୍ଷା ରହିଛି ।

ମହାଭାରତର ମହାପ୍ରଭାବ ! ଖବର ପ୍ରସାରଣର ୨୪ ଘଣ୍ଟା ମଧ୍ୟରେ ସମାଧାନ ହେଲା ତିନି ମାସର ପାଣି ସମସ୍ୟା; ଖୁସିରେ ଗ୍ରାମବାସୀ



ରାଇଘର, (ମହାଭାରତ): ପାଣି ହିଁ ଜୀବନ। ହେଲେ ପାନୀୟ ଜଳ ପାଇଁ ଦୀର୍ଘ ତିନି ମାସ ଧରି ସଂଘର୍ଷ କରୁଥିବା ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ୍ କୁମୁଲି ପଞ୍ଚାୟତ ଅନ୍ତର୍ଗତ ଭାଟିପାରା ଗ୍ରାମବାସୀଙ୍କ ପାଇଁ ଶେଷରେ ଆସିଲା ଆଶ୍ୱସ୍ତିର ଖବର। ଲୋକଙ୍କ ସ୍ୱରରେ ଏହି ସମସ୍ୟା ସମ୍ପର୍କିତ ଖବର ପ୍ରସାରଣ ହେବାର ମାତ୍ର ୨୪ ଘଣ୍ଟା ମଧ୍ୟରେ ନଳକୂପ ସମସ୍ୟାର ସମାଧାନ ହୋଇଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ଭାଟିପାରା ଗ୍ରାମରେ ଥିବା ନଳକୂପର ପାଇପ୍ ଖରାପ ହୋଇଯିବାରୁ ତାହାକୁ କାଢ଼ି ଦିଆଯାଇଥିଲା। ହେଲେ ନୂତନ ପାଇପ୍ ଲଗାଇବାର ବ୍ୟବସ୍ଥା ନଥିବାରୁ ଦୀର୍ଘ ତିନି ମାସ ଧରି ଗ୍ରାମବାସୀ ପାନୀୟ ଜଳ ପାଇଁ ନାନା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏନେଇ ଗ୍ରାମବାସୀଙ୍କ ଅଭିଯୋଗକୁ ଆଧାର କରି ମହାଭାରତ ଖବର କାଗଜ ପକ୍ଷରୁ ପ୍ରମୁଖତାର ସହ ଖବର ପ୍ରସାରଣ କରାଯାଇଥିଲା। ଖବର ପ୍ରସାରଣ ପରେ ସମ୍ପୃକ୍ତ ବିଭାଗର ତତ୍ପରତା ଦେଖିବାକୁ ମିଳିଥିଲା ଏବଂ ମାତ୍ର ୨୪ ଘଣ୍ଟା ମଧ୍ୟରେ ଦୀର୍ଘ ତିନି ମାସର ପାଣି ସମସ୍ୟାର ସମାଧାନ ହୋଇଥିଲା। ଯାହାକୁ ନେଇ ଭାଟିପାରା ଗ୍ରାମବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଏହି ସଫଳତା ପରେ ଗ୍ରାମବାସୀମାନେ ମହାଭାରତର ଗଣମାଧ୍ୟମ ଏବଂ ଏହାର ପ୍ରତିନିଧି ଲଳିତ ସୁନାନୀଙ୍କୁ ହୃଦୟରୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି । ସାଧାରଣ ଲୋକଙ୍କ ସମସ୍ୟାକୁ ସ୍ୱର ଦେବା ଏବଂ ତାହାର ସମାଧାନ ପାଇଁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ହେଉଛି ଗଣମାଧ୍ୟମର ପ୍ରକୃତ ଦାୟିତ୍ୱ । ଭାଟିପାରାର ଏହି ଘଟଣା ପୁଣିଥରେ ପ୍ରମାଣ କରିଛି ଯେ, ଜନସାଧାରଣଙ୍କ ସମସ୍ୟାକୁ ଠିକ୍ ଭାବେ ଉପସ୍ଥାପନ କରାଗଲେ ସମାଧାନର ରାସ୍ତା ଖୋଲିପାରେ। ଏବଂ ଲୋକଙ୍କ ସମସ୍ୟାର ସମାଧାନର ସ୍ୱର ମହାଭାରତ ।

ବୈରାଟପୁର ପ୍ରିମିଓର ଲିଗ ସିଜିନ- ୨, ୬ଷ୍ଠ ଦିନ ରମାଞ୍ଚକର ବିଜୟ ହେଲେ ଏଜେ ଏବଂ ଏନଏସ ଫାଇଟର

ଉଦଳା, (ମହାଭାରତ) : ଉଦଳା ବ୍ଲକ ବୈରାଟପୁର ପ୍ରିମିଓର ଲିଗ ସିଜିନ ୨ ର ଆଜି ୬ଷ୍ଠ ଦିନର ପ୍ରଥମ ମ୍ୟାଚ ଏଜେ ଫାଇଟର ବନାମ ଜଗଦ୍ଧାତ୍ରୀ ୱାରିଅର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଜଗଦ୍ଧାତ୍ରୀ ୱାରିଅର ବ୍ୟାଟିଂ କରି ୧୫ ଅଭର ରେ ୧୫୭ ରନ ସଂଗ୍ରହ କରିଥିବା ବେଳେ ଏଜେ ଫାଇଟର ୧୪ ଓଭର ୪ ଗୋଟି ବୋଲ ରେ ୧୫୯ରନ କରିବା ସହ ମ୍ୟାଚ ଟିକୁ ଜିତିଯାଇଥିଲା । ଏଜେ ଫାଇଟର ପକ୍ଷରୁ ବିକାଶ ସିଂ ମ୍ୟାନ ଅଫ ଦା ମ୍ୟାଚ ଏବଂ ଆୟୁଷ ଦାସ ଗୁରୁପ୍ରିତ ମିଶ୍ର ସୁପର ସିକ୍ସ ପୁରସ୍କାର ରେ ବିବେଚନା କରାଯାଇଥିଲା । ଇନିଂସ ର ଦ୍ୱିତୀୟ ମ୍ୟାଚ ସବୁଠୁ ରାମଞ୍ଚକର ମ୍ୟାଚ ଭାବେ ଖେଳାଯାଇଥିଲା । ଏନଏସ ଫାଇଟର ବନାମ ରାଜବି ଫାଇଟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଏନଏସ ଫାଇଟର ବ୍ୟାଟିଂ କରି ୧୫



ଅଭର ରେ ୧୮୩ ରନ ସଂଗ୍ରହ କରିଥିବା ବେଳେ ରାଜବି ଫାଇଟର ୧୫ ଅଭର ରେ ୧୫୦ ରନ କରିବା ସହ ମ୍ୟାଚ ଟିକୁ ହାରିଯାଇଥିଲା । ଏନଏସ ଫାଇଟର ପକ୍ଷରୁ ଯଯାତି କେଶରୀ ହାତୀ ଙ୍କୁ ମ୍ୟାନ ଅଫ ଦା ମ୍ୟାଚ ଗୁରୁପ୍ରିତ ମିଶ୍ର ସୁପର ସିକ୍ସ ପୁରସ୍କାର ରେ ବିବେଚନା ହୋଇଥିଲେ । ୬ଷ୍ଠ ଦିନ ଖେଳ ରେ ମୁଖ୍ୟ ଅତିଥିଭାବେ ଉଦଳା ନିର୍ବାଚନ ମଣ୍ଡଳୀ ର ବିଜେପି ର ଯୁବ ନେତା କଲ୍ଲୋଳ ସିଂ, ଉଦଳା ଏନଏସି ବିଜେପି ର ଯୁବମାର୍ଚ୍ଚା ସଭାପତି ସାୟନ ମହାନ୍ତି, ଉଦଳା ଥାନା ର ଦୁଇ ଅଫିସର ସନ୍ତୋଷ ରଣା ଜଗନ୍ନାଥ ପୋଇ, ଏବଂ ଅସିତ ମହାନ୍ତି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ମ୍ୟାଚ ଏମ୍ପେୟାର କମଳାକାନ୍ତ ମିଶ୍ର ଏବଂ ହୃଦୟ ବେହେରା ଖେଳ ପରିଚାଳନା କରିଥିବା ବେଳେ ସୌମ୍ୟକ ଏବଂ ରୁଦ୍ର ନାରାୟଣ ଧକ୍ଷରାବିବରଣୀ ପ୍ରଦାନ କରିଥିଲେ । ଉପଦେଷ୍ଟା ଦୀପକ ମିଶ୍ର ସଭାପତି ହେମନ୍ତ ବେହେରା, ସମ୍ପାଦକ ଦୀପକ ବେହେରା, ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ସହଯୋଗ କରିଥିଲେ ।

କୁଟିବାରି ଜଙ୍ଗଲ ହତ୍ୟାକାଣ୍ଡର ପର୍ଦ୍ଦାଫାଶ: ଅଭିଯୁକ୍ତ ଗିରଫ ସହ କ୍ରାଇମସିନ୍ ରି-କ୍ରିଏସନ୍ କଲା ଦଶପଲ୍ଲା ପୋଲିସ

ଦଶପଲ୍ଲା, (ମହାଭାରତ): ଦଶପଲ୍ଲା ଥାନା ଅନ୍ତର୍ଗତ ତୁମାଣ୍ଡି ପଞ୍ଚାୟତର କୁଟିବାରି ଜଙ୍ଗଲରେ ଘଟିଥିବା ବହୁଚର୍ଚ୍ଚିତ ଜଘନ୍ୟ ହତ୍ୟାକାଣ୍ଡର ପର୍ଦ୍ଦାଫାଶ କରିବାରେ ଦଶପଲ୍ଲା ପୋଲିସକୁ ବଡ଼ ସଫଳତା ମିଳିଛି । ଏହି ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତ ରଞ୍ଜନ ବେହେରାକୁ ଗିରଫ କରିବା ସହ ମଙ୍ଗଳବାର ଦିନ ଘଟଣାସ୍ଥଳକୁ ନେଇ କ୍ରାଇମସିନ୍ ରି-କ୍ରିଏସନ୍ କରିଛି । ସୂଚନାଯୋଗ୍ୟ ଯେ, ଗତ ନଭେମ୍ବର ୧ ତାରିଖରେ ଟାକରା ପଞ୍ଚାୟତ ଅସନୀବେରଣା ଗ୍ରାମର ବିରଞ୍ଚି ନାଏକଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା । ଅଭିଯୁକ୍ତ ରଞ୍ଜନ ବେହେରା, ବିରଞ୍ଚିଙ୍କ ମୁଣ୍ଡ ଓ ଗଣ୍ଡିକୁ ଅଲଗା କରି କୁଟିବାରି ଜଙ୍ଗଲରେ ଫିଙ୍ଗି ଦେଇ ଫେରାର ହୋଇଯାଇଥିଲା । ଏହି ଘଟଣାକୁ ନେଇ ମୃତ ବିରଞ୍ଚିଙ୍କ ପରିବାର ଲୋକେ ଦଶପଲ୍ଲା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା । ବିଭିନ୍ନ ଦିଗରୁ ତଦନ୍ତ ଚଳାଇ ପୋଲିସ ଶେଷରେ ଅଭିଯୁକ୍ତ ରଞ୍ଜନକୁ ଧରିବାରେ ସଫଳ ହୋଇଛି । ମଙ୍ଗଳବାର ପୋଲିସ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଅଭିଯୁକ୍ତକୁ ଘଟଣାସ୍ଥଳକୁ ନେଇ ହତ୍ୟାକାଣ୍ଡର ସମ୍ପୂର୍ଣ୍ଣ ଡେମୋ ଦେଖାଇଛି ।

ବଡ଼ଚଣାର ଦୁଇ ଗୋଟି ଜୋନ୍‌ରେ ନୂତନ ଭତ୍ତା ବାଣ୍ଟିଲେ ବିଧାୟକ

ବାଲିଚନ୍ଦ୍ରପୁର, (ମହାଭାରତ) : ଯାଜପୁର ଜିଲ୍ଲା ବଡଚଣା ବ୍ଲକ ରେ ମଙ୍ଗଳବାର ଦିତୀୟ ପର୍ଯ୍ୟାୟରେ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସୋମବାର ପ୍ରଥମ ପର୍ଯ୍ୟାୟରେ ତିନୋଟି ଜୋନ୍ କୁ ନେଇ ଭତ୍ତା ବଣ୍ଟନ କରାଯାଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ବାଲିଚନ୍ଦ୍ରପୁର ମଣ୍ଡଳ ଓ ଓଳାଶୁଣୀ ମଣ୍ଡଳ ଅନ୍ତର୍ଗତ ଅଠର ଗୋଟି ପଞ୍ଚାୟତ ର ନୂତନ କରି ବାର୍ଦ୍ଧକ୍ୟ /ବିଧବା /ଶାରୀରିକ ଭିନ୍ନକ୍ଷମ / ସ୍ୱାମୀ ପରିତ୍ୟକ୍ତା/ଅବିବାହିତା ମହିଳା ହିତାଧିକାରୀ ମାନଙ୍କୁ ପ୍ରଦାନ କରାଯାଇଛି । ଏହି ଅବସରରେ ବାଲିଚନ୍ଦ୍ରପୁର ପଞ୍ଚାୟତ ସ୍ଥିତ ଜଗନ୍ନାଥ କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବଡଚଣା ବି ଡି ଓ ରବିନ୍ଦ୍ର କୁମାର ପ୍ରଧାନ ଅଧ୍ୟକ୍ଷତା କରିଥିବା ବେଳେ ଅଜୟ କୁମାର ସାହୁ ସଞ୍ଚାଳନ କରିଥିଲେ ।ଉତ୍ସବ ରେ ବଡ଼ଚଣା ବିଧାୟକ ଅମର କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୁଇଟି ଜୋନ୍ ରେ ୧୭୬୯ ଜଣ ଯୋଗ୍ୟ ହିତାଧିକାରୀ ଙ୍କୁ ନୂତନ ଭତ୍ତା ପ୍ରଦାନ କରିଥିଲେ। ବ୍ଲକ ରେ ମୋଟ୍ ୪୩୦୭ ଜଣ ନୂତନ ଭତ୍ତା ମଞ୍ଜୁର ହୋଇଥିବା ବି ଡି ଓ ଶ୍ରି ପ୍ରଧାନ ସୂଚନା ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷ



ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା



୬

ବୁଧବାର, ୧୮.୧୧. ୨୦୨୬

ଜିଲ୍ଲାସ୍ତରୀୟ ୩୨ତମ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ ଅନୁଷ୍ଠିତ



ପାରଳାଖେମୁଣ୍ଡି(ମହାଭାରତ): ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ, ଅନୁସନ୍ଧିତ୍ସା ଓ ସୃଜନଶୀଳ ଚିନ୍ତନର ବିକାଶ ଲକ୍ଷ୍ୟରେ ଗଜପତି ଜିଲ୍ଲାସ୍ତରୀୟ ୩୨ତମ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ ଓ ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି ।ଏହି ବିଜ୍ଞାନ କଂଗ୍ରେସରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ୬୦ରୁ ଊର୍ଦ୍ଧ୍ୱ ବିଜ୍ଞାନ ପ୍ରକଳ୍ପ ଅଂଶଗ୍ରହଣ କରିଥିଲା । ଉଭୟ କନିଷ୍ଠ ଓ ବରିଷ୍ଠ ବର୍ଗର ଛାତ୍ରଛାତ୍ରୀମାନେ ସ୍ଥାନୀୟ ସମସ୍ୟା, ପରିବେଶ ସୁରକ୍ଷା ଓ ବିଜ୍ଞାନଭିତ୍ତିକ ସମାଧାନକୁ ନେଇ ନିଜ ନିଜର ଗବେଷଣାମୂଳକ ପ୍ରକଳ୍ପ ଉପସ୍ଥାପନ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଶ୍ରୀ ୱାଇ. କ୍ରିଷ୍ଣାରାଓ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କ ବୈଜ୍ଞାନିକ ଚିନ୍ତାଧାରା ଓ ଗବେଷଣାମୂଳକ ଉଦ୍ୟମକୁ ଉତ୍ସାହିତ କରିଥିଲେ । ପି ଏମ୍ ଶ୍ରୀ ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ମୋନାଲିସା ଦାଶ ଓ ଜିଲ୍ଲା ବିଜ୍ଞାନ ସମନ୍ୱୟକ ଶ୍ରୀ ସାମ୍ବିକ କୁମାର ପଟ୍ଟନାୟକ ମଧ୍ୟ ଉପସ୍ଥିତ ଥିଲେ ।ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ ନିମନ୍ତେ ବିଚାରକ ଭାବେ ଗୋଷାଣୀ ବ୍ଲକ୍‌ର ପୂର୍ବତନ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀ ବଳକୃଷ୍ଣ ମାଝୀ ଏବଂ ଜାତୀୟ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀ ବିନୋଦ ଚନ୍ଦ୍ର ଜେନା ଯୋଗଦେଇ ପ୍ରକଳ୍ପଗୁଡ଼ିକର ମୌଳିକତା, ବୈଜ୍ଞାନିକ ଦୃଷ୍ଟିକୋଣ ଓ ସାମାଜିକ ଉପଯୋଗିତାକୁ ଆଧାର କରି ମୂଲ୍ୟାୟନ କରିଥିଲେ ।ଏହି ପ୍ରତିଯୋଗିତାରୁ କନିଷ୍ଠ ବର୍ଗର ୨ଟି ଓ ବରିଷ୍ଠ ବର୍ଗର ୪ଟି ପ୍ରକଳ୍ପକୁ ମିଶାଇ ମୋଟ ୬ଟି ପ୍ରକଳ୍ପ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛି ।

କପୁଣ୍ଡିରେ ଗୋଷ୍ଠାଷ୍ଟମୀ ମହୋତ୍ସବ



ପାଟଣା:-(ମହାଭାରତ) କେନ୍ଦୁଝର ଜିଲ୍ଲା ଭାଗବତ ପ୍ରଚାର ପ୍ରସାର ସମିତି ସଭାପତିଙ୍କ ଆହ୍ୱାନ କ୍ରମେ ଭାଗବତ ସଂସ୍କୃତି ପରମ୍ପରା ଓ ଐତିହ୍ୟକୁ ଉଜ୍ଜୀବିତ କରିବା ପାଇଁ ସାହାରପଡ଼ା ବ୍ଲକ ଭାଗବତ ପ୍ରଚାର ପ୍ରସାର ସମିତି ତଥା ସାହାରପଡ଼ା ବ୍ଲକ ଅନ୍ତର୍ଗତ କପୁଣ୍ଡି ଗ୍ରାମ ମା ତାରିଣୀ ଭାଗବତ ଟୁଙ୍ଗିର ମିଳିତ ଉଦ୍ୟମରେ କପୁଣ୍ଡି ତାରିଣୀ ପଡ଼ିଆରେ ଗୋଷ୍ଠାଷ୍ଟମୀ ମହୋତ୍ସବ ପାଳିତ ହୋଇଯାଇଛି । ସାହାରପଡ଼ା ଓ ପାଟଣା ବ୍ଲକର ସହସ୍ରାଧିକ ଭାଗବତ ଭକ୍ତମାନଙ୍କ ସମାବେଶରେ କଳସ ଯାତ୍ରା, କୁମ୍ଭ ସ୍ଥାପନ ପୂର୍ବକ ସୂର୍ଯ୍ୟ ପୂଜା,ଗୁରୁ ପୂଜା ତଥା ରାଧାକୃଷ୍ଣଙ୍କ ପୂଜାର୍ଚ୍ଚନା ଯଥାବିଧି କରାଗଲା । ଏଥି ସହିତ ଆଚାର୍ଯ୍ୟ ଦାଶରଥି ପ୍ରଧାନ ଭାଗବତ ଦଶମ ସ୍କନ୍ଧ ଦ୍ୱାଦଶ ଅଧ୍ୟାୟ ପାଠ କରି ରୀନା ମଲ୍ଲିକଙ୍କ ଦ୍ୱାରା ରାମ କୃଷ୍ଣଙ୍କ କୋଳିଖିଆ ଲୀଳା ଅଭିନୟ ସମାପନ କରି ରାମ (ପ୍ରିତିରେଖା) କୃଷ୍ଣ (ପ୍ରିୟାଂସୀ) ଙ୍କ ସହିତ ଗୋଠରେ ଗୋମାତାଙ୍କ ପ୍ରାର୍ଥନା, ବନ୍ଦନା ତଥା ପୂଜାର୍ଚ୍ଚନା କରି କଞ୍ଚା ଘାସ, ଗୋ ଦାନା,କଦଳୀ ଆଦି ଫଳ ପ୍ରଦାନ ପୂର୍ବକ ଗୋ ପ୍ରଦକ୍ଷିଣ ତଥା ନମସ୍କାର କରି ଉପସ୍ଥିତ ଭାଗବତ ଅନୁରାଗୀ ଭକ୍ତ ମାନେ ଗୋ କୃପା ଲାଭ କରିଥିଲେ ।ଏହା ପରେ ସାହାରପଡ଼ା ବ୍ଲକ ସଭାପତି କେଦାର ଆରୁକଙ୍କ ଅଧ୍ୟକ୍ଷତାରେ ଭାଗବତ ସତସଙ୍ଗ ଅଧିବେଶନ ଅନୁଷ୍ଠିତ ହୋଇଥିଲା ।ଏଥିରେ କେନ୍ଦୁଝର ଜିଲ୍ଲା ଭାଗବତ ପ୍ରଚାର ପ୍ରସାର ସମିତି ସଭାପତି ଆଚାର୍ଯ୍ୟ ଦାଶରଥି ପ୍ରଧାନ,ଉପସଭାପତି ଖଗେଶ୍ୱର ମହାନ୍ତ , ସମ୍ପାଦକ ଲଗନ୍ନାଥ ଜେନା, ଉପଦେଷ୍ଟା ଭଜ ବେହେରା,ବରିଷ୍ଠ ସଦସ୍ୟ ହରେକୃଷ୍ଣ ବେଜ,ଧ୍ରୁବ ଚରଣ ରାଉତ, ସଦର ବ୍ଲକ ସଭାପତି ପ୍ରସନ୍ନ କୁମାର ଦାସ, ପାଟଣା ଭାଗବତ ପ୍ରଚାର ପ୍ରସାର ସମିତି ସଭାପତି ପାର୍ଥ ସାରଥୀ ବେଜ, ସମ୍ପାଦକ ହରେକୃଷ୍ଣ ବାରିକ, ତେଲକୋଇ ବ୍ଲକ ସଭାପତି ଅରକ୍ଷିତ ପ୍ରଧାନ ଜନ ସମାଜକୁ ଉଦ୍ ବୋଧନ ଦେଇଥିଲେ ।ପରିଶେଷରେ ରାମ କୃଷ୍ଣ ଶୁଭ ମୁହୂର୍ତ୍ତରେ ଗାଈ ବାଛୁରୀଙ୍କୁ ଚରାଇବା ପାଇଁ ଗିରି ଗୋବର୍ଦ୍ଧନ ଅଭିମୁଖେ ଯାତ୍ରା କଲେ ।ଏହି କାର୍ଯ୍ୟକ୍ରମରେ ବ୍ଲକ ସମ୍ପାଦକ ରବୀନ୍ଦ୍ର ପୃଷ୍ଟି, ଗୋଷ୍ଠାଷ୍ଟମୀ ମହୋତ୍ସବ ପରିଚାଳନା କମିଟି ଆବାହକ କେଶବ ଚନ୍ଦ୍ର ପୃଷ୍ଟି, ସମ୍ପାଦକ ପ୍ରହ୍ଲାଦ ରଣା,କୋଷାଧକ୍ଷ କିଶୋର ଚନ୍ଦ୍ର ପୃଷ୍ଟି,ସନ୍ତୋଷ କୁମାର ବେହେରା,ପ୍ରଦୀପ କୁମାର ପହି ,ମୁଖ୍ୟ କର୍ତ୍ତୀ କନକ ପୃଷ୍ଟି ଓ ଅନ୍ୟାନ୍ୟ ମହିଳା ଭକ୍ତ ପ୍ରମୁଖ ଏହି ମହୋତ୍ସବକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

ବିଦେଶୀ ଗତ ପକ୍ଷୀଙ୍କ ପାଇଁ କାଳ ସାଜୁଛି ବେଆଇନ ଚିଙ୍ଗୁଡି ଘେରି

କୃଷ୍ଣପ୍ରସାଦ(ମହାଭାରତ): ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ଏସିଆର ବୃହତ୍ତମ ବ୍ରାକିସ୍ ୱାଟର ହ୍ରଦ ଚିଲିକା' ଏବେ ଘୋର ସଙ୍କଟରେ । ଶୀତଋତୁ ଆଗମନ ସହ ହଜାର ହଜାର ମାଇଲ ଦୂରରୁ ଲକ୍ଷ ଲକ୍ଷ ବିଦେଶାଗତ ପକ୍ଷୀଙ୍କ ଆଗମନ ହେଉଥିବା ବେଳେ, ଚିଲିକା ଭିତରେ ଗଢ଼ି ଉଠିଥିବା ବେଆଇନ ଚିଙ୍ଗୁଡ଼ି ଘେରି ସେମାନଙ୍କ ପାଇଁ ବଡ଼ ବିପଦ ପାଲଟିଛି ପ୍ଲାଷ୍ଟିକ୍, ପଲିଥିନ୍ ବ୍ୟବହାର ଏବଂ ବେଆଇନ ଜବରଦଖଲ ଯୋଗୁଁ ଚିଲିକାର ଜୈବ ବିବିଧତା ସମ୍ପୂର୍ଣ୍ଣ ବିପନ୍ନ ହେବାକୁ ବସିଛି । ପୁରୀ, ଖୋର୍ଦ୍ଧା ଏବଂ ଗଞ୍ଜାମ ଜିଲ୍ଲାର ସୀମାକୁ ସ୍ପର୍ଶ କରୁଥିବା ଚିଲିକା ହ୍ରଦ ୧୯୭୫ ମସିହାରେ ୯୦୦ ବର୍ଗ କିଲୋମିଟର ଅଞ୍ଚଳରେ ପରିବ୍ୟାପ୍ତ ଥିଲା । ମାତ୍ର ବେଆଇନ ଘେରି ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବା ଯୋଗୁଁ ଏହା ସଂକୁଚିତ ହୋଇ ଏବେ ମାତ୍ର ୯ ହଜାର କିଲୋମିଟର ୯୦୦ ବର୍ଗ କିଲୋମିଟର ମଧ୍ୟରେ ସୀମିତ ରହିଯାଇଛି ଚିଲିକାର ଏକର ଏକର ନଲଗାସ ଓ ରାଜଦଳ ମାଡ଼ିଯିବା ସହ ବହୁ ସ୍ଥାନରେ ଚିଙ୍ଗୁଡ଼ି ମାଫିଆମାନେ ନିଜର ସାମ୍ରାଜ୍ୟ ବିସ୍ତାର କରିଛନ୍ତି ବନ ବିଭାଗର ସୂଚନା ଅନୁଯାୟୀ, ଚିଲିକାରେ ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ପ୍ରଜାତିର ଦେଶୀୟ ପକ୍ଷୀ ବର୍ଷ ସାରା ରହୁଥିବା ବେଳେ ଶୀତ ଦିନେ ଲକ୍ଷ ଲକ୍ଷ ବିଦେଶୀ ପକ୍ଷୀ ଆସିଥା ନ୍ତି ମାତ୍ର ଖାଦ୍ୟ ଅନ୍ୱେଷଣ ବେଳେ ଏହି ପକ୍ଷୀମାନେ ଚିଙ୍ଗୁଡ଼ି ଘେରିର ଜାଲରେ ଛନ୍ଦି ହୋଇ ପ୍ରାଣ ହରାଉଛନ୍ତି । ଘେରି ମଧ୍ୟରେ ବ୍ୟବହୃତ ବିଭିନ୍ନ ବିଷାକ୍ତ ରାସାୟନିକ ପଦାର୍ଥ ପରିବେଶକୁ ପ୍ରଦୂଷିତ କରିବା ସହ ବିରଳ ଡଲଫିନ୍ ? ଓ ପକ୍ଷୀଙ୍କ ପାଇଁ କାଳ ସାଜିଛି ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ୨୦୨୧-୨୨ ମସିହାରେ ପ୍ରାୟ ୧୯୭ ବର୍ଗ କିଲୋମିଟର ଅଞ୍ଚଳକୁ ଘେରିମୁକ୍ତ କରାଯାଇ ୧୭୦୦ ଚିଙ୍ଗୁଡ଼ି ଘେରି ଉଚ୍ଛେଦ କରାଯାଇଥିଲା ।

ଜଙ୍ଗଲରୁ ଯୁବ ବ୍ୟବସାୟୀଙ୍କ ମୃତଦେହ ଉଦ୍ଧାର


ହତ୍ୟା କରି ଜଙ୍ଗଲରେ ଫିଙ୍ଗି ଦେଇଥିବା ଅଭିଯୋଗ



ରେଡ଼ାଖୋଲ (ମହାଭାରତ) ଜଣେ କପଡ଼ା ବ୍ୟବସାୟୀ ଙ୍କୁ ଦୁର୍ବୃତ୍ତ ମାନେ ତଣ୍ଟି କାଟି ଜଙ୍ଗଲରେ ଫିଙ୍ଗି ଦେଇଥିବା ହତ୍ୟା ସନ୍ଦେହ ଅଭିଯୋଗ ହୋଇଛି, ଏଭଳି ଏକ ଅଭାବନୀୟ ଘଟଣା ଘଟି ଯାଇଛି । ଦିର୍ଘ ୫ ଦିନ ଧରି ନିଖୋଜ ଥିବା ବୌଦ୍ଧ ସହରର କପଡ଼ା ବ୍ୟବସାୟୀ ବିରୂପାକ୍ଷ ଅଗ୍ରୱାଲଙ୍କ ମୃତଦେହ ଉଦ୍ଧାର କରାଯାଇଛି । ସମ୍ବଲପୁର ଜିଲ୍ଲା ରେଡ଼ାଖୋଲ ବ୍ଲକ ଅନ୍ତର୍ଗତ କଦଳୀଗଡ଼ ଗ୍ରାମ ପଞ୍ଚାୟତ ଅଧୀନ ତନ୍ତଗାଡ଼ ଗାଁ ନିକଟ ଜଙ୍ଗଲରୁ ଉକ୍ତ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି ରେଡ଼ାଖୋଲ ଓ ବୌଦ୍ଧ ଜିଲ୍ଲା ପୋଲିସ । ସୂଚନା ଅନୁଯାୟୀ, ବୌଦ୍ଧ ସହର ଗାନ୍ଧୀ ଛକ ଅଞ୍ଚଳର ଯୁବ କପଡ଼ା ବ୍ୟବସାୟୀ ବିରୂପାକ୍ଷ ଅଗ୍ରୱାଲ ଗତ ନଭେମ୍ବର ୧୨ ତାରିଖରୁ ନିଖୋଜ ଥିଲେ । ଦିନ ଗଡ଼ିବା ସହ ତାଙ୍କର କୌଣସି ଖବର ନମିଳିବାରୁ ପରିବାର ଲୋକେ ବୌଦ୍ଧ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ନିଖୋଜ ହେବାର ୫ ଦିନ ପରେ ତନ୍ତଗାଡ଼ ଜଙ୍ଗଲରୁ ତାଙ୍କ ମୃତଦେହ ଉଦ୍ଧାର ହୋଇଛି । ବ୍ୟବସାୟୀଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରି ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି । ତେବେ କେଉଁ କାରଣରୁ ଏବଂ କିଏ ଏହି ଜଘନ୍ୟ କାଣ୍ଡ ଘଟାଇଲା, ତାହା ଏପର୍ଯ୍ୟନ୍ତ ଅସ୍ପଷ୍ଟ ରହିଛି । ଏହି ଘଟଣାରେ ବୌଦ୍ଧ ଜିଲ୍ଲା ଏବଂ ରେଡ଼ାଖୋଲ ପୋଲିସ ପକ୍ଷରୁ ମିଳିତ ତଦନ୍ତ ଆରମ୍ଭ କରାଯାଇଛି । ପୂର୍ବରୁ ନିଖୋଜ ମାମଲାର ତଦନ୍ତ ପାଇଁ ବୌଦ୍ଧ ପୋଲିସ ପକ୍ଷରୁ ଦୁଇଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା । ତଦନ୍ତ ଶେଷ ହେବା ପରେ ହତ୍ୟାକାଣ୍ଡର ପ୍ରକୃତ କାରଣ ଏବଂ ଅନ୍ୟ କାହାର ସମ୍ପୃକ୍ତି ଅଛି କି ନାହିଁ ତାହା ସ୍ପଷ୍ଟ ହେବ ବୋଲି ପୋଲିସ କହିଥିବା ବେଳେ ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ଏଥିରେ ଟଙ୍କା ପଇସା ଦେଣନେଣ କୁ ନେଇ କିଛି ଦୁର୍ବୃତ୍ତ ମାନେ ହତ୍ୟା କରିଛନ୍ତି ବୋଲି ମୃତକଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି ।

ରକ୍ତଦାନ ଶିବିରରେ ମାନବସେବାର ବାର୍ତ୍ତା

କ୍ୟାପିଟାଲ୍ ଇଞ୍ଜିନିୟରିଂ କଲେଜରେ ୧୦୦ ୟୁନିଟ୍ ରକ୍ତ ସଂଗ୍ରହ



ଖୋର୍ଦ୍ଧା,(ମହାଭାରତ) : ରକ୍ତଦାନ ମହତ୍ ଦାନ, ଏହା କେବଳ ମାନବିକତାର ପରିଚୟ ନୁହେଁ, ବରଂ ଅନ୍ୟର ଜୀବନ ରକ୍ଷା କରିବାର ଏକ ଅନନ୍ୟ ମାଧ୍ୟମ । ଏହି ମହତ୍ ଉଦ୍ଦେଶ୍ୟକୁ ଆଧାର କରି ମାନବ ସେବା ହିଁ ମାଧବ ସେବାର ବାର୍ତ୍ତାକୁ ସାର୍ଥକ କରିଛି ଖୋର୍ଦ୍ଧା ଜିଲ୍ଲା ମହତପଲ୍ଲା ସ୍ଥିତ କ୍ୟାପିଟାଲ୍ ଇଞ୍ଜିନିୟରିଂ କଲେଜ । ମଙ୍ଗଳବାର ଆୟୋଜିତ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ପ୍ରାୟ ୧୦୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବାବେଳେ ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ଅଧ୍ୟାପକ, କର୍ମଚାରୀ ଓ ସ୍ଥାନୀୟ ଜନସାଧାରଣଙ୍କ ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ଶିବିରକୁ ସଫଳ କରିଥିଲା । କ୍ୟାପିଟାଲ୍ ହସ୍ପିଟାଲ୍, ଭୁବନେଶ୍ୱରର ରକ୍ତଦାନ ଦଳର ସହଯୋଗ ଓ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରକୁ ମହାବିଦ୍ୟାଳୟର ନିର୍ଦ୍ଦେଶକ (ଏକାଡେମିକ୍) ଡକ୍ଟର ସୌମ୍ୟ ଦର୍ଶନ ମହାନ୍ତି ଆନୁଷ୍ଠାନିକ ଭାବେ ଉଦ୍ ?ଘାଟନ କରିଥିଲେ । ଉଦ୍ ?ଘାଟନୀ ଅବସରରେ ଡକ୍ଟର ମହାନ୍ତି ରକ୍ତଦାନର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରି କହିଥିଲେ ଯେ, ରକ୍ତଦାନ କେବଳ ଏକ ଦାନ ନୁହେଁ, ଏହା ଏକ ଜୀବନଦାନ। ରକ୍ତର ଗୋଟିଏ ବିନ୍ଦୁ ମଧ୍ୟ ଜଣେ ମୁମୂର୍ଷୁ ରୋଗୀଙ୍କ ଜୀବନରେ ନୂତନ ଆଶା ସଞ୍ଚାର କରିପାରେ । ତେଣୁ ଛାତ୍ରଛାତ୍ରୀମାନେ ଶିକ୍ଷାଗତ ଜ୍ଞାନ ଆହରଣ ସହିତ ମାନବିକତା, ସମ୍ବେଦନଶୀଳତା ଓ ସାମାଜିକ ଦାୟିତ୍ୱବୋଧକୁ ନିଜ ଜୀବନରେ ଆପଣାଇବା ଆବଶ୍ୟକ । ଏହା ହିଁ ପ୍ରକୃତ ଶିକ୍ଷାର ମୂଳ ଉଦ୍ଦେଶ୍ୟ ବୋଲି ସେ ମତବ୍ୟକ୍ତ କରିଥିଲେ । ଶିବିରରେ ମହାବିଦ୍ୟାଳୟର ଅଧ୍ୟାପକ-ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀମାନେ ସକ୍ରିୟ ଅଂଶଗ୍ରହଣ କରିବା ସହ ଆୟୋଜନର ସଫଳତାରେ ସହଯୋଗ କରିଥିଲେ । ବିଶେଷକରି ଛାତ୍ରଛାତ୍ରୀଙ୍କ ଉତ୍ସାହ ଓ ସ୍ୱେଚ୍ଛାକୃତ ରକ୍ତଦାନ ପ୍ରତି ଆଗ୍ରହ କାର୍ଯ୍ୟକ୍ରମକୁ ଅଧିକ ଅର୍ଥପୂର୍ଣ୍ଣ କରିଥିଲା । କେବଳ ମହାବିଦ୍ୟାଳୟର ପରିବାର ମଧ୍ୟରେ ଏହି ଉଦ୍ୟମ ସୀମିତ ନରହି ଆଖପାଖ ଅଞ୍ଚଳର ବହୁ ସ୍ଥାନୀୟ ବାସିନ୍ଦା ମଧ୍ୟ ସ୍ୱତଃସ୍ଫୂର୍ତ୍ତ ଭାବେ ଶିବିରରେ ସାମିଲ ହୋଇ ରକ୍ତଦାନ କରିଥିଲେ ।ସମସ୍ତଙ୍କ ମିଳିତ ଉଦ୍ୟମ, ସହଯୋଗ ଓ ନିଃସ୍ୱାର୍ଥପର ସେବା ମନୋଭାବର ପରିଣାମ ସ୍ୱରୂପ ଶିବିରରୁ ପ୍ରାୟ ୧୦୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇ ପାରିଥିଲା । ସଂଗୃହୀତ ରକ୍ତ ଆବଶ୍ୟକ ସମୟରେ ବିଭିନ୍ନ ରୋଗୀଙ୍କ ଚିକିତ୍ସା ଓ ଜୀବନ ରକ୍ଷାରେ ଉପଯୋଗ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି । ରକ୍ତଦାନ ଭଳି ଏକ ମହତ୍ କାର୍ଯ୍ୟ ମାଧ୍ୟମରେ ଯୁବପିଢ଼ିଙ୍କ ମଧ୍ୟରେ ସେବା, ସହଯୋଗ ଓ ସାମାଜିକ ଦାୟିତ୍ୱବୋଧର ଭାବନାକୁ ଉଜ୍ଜୀବିତ କରିବାର ଏହି ପ୍ରୟାସ ବେଶ୍ ପ୍ରଶଂସନୀୟ ହୋଇଛି । ପରିଶେଷରେ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ସମସ୍ତ ରକ୍ତଦାତା, ସ୍ୱେଚ୍ଛାସେବୀ, କ୍ୟାପିଟାଲ୍ ହସ୍ପିଟାଲ୍ ?ର ଡାକ୍ତରୀ ଦଳ ଓ ସହଯୋଗୀମାନଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିଥିଲେ । ଭବିଷ୍ୟତରେ ମଧ୍ୟ ଏଭଳି ଜନକଲ୍ୟାଣମୂଳକ ଓ ସେବାଧର୍ମୀ କାର୍ଯ୍ୟକ୍ରମ ଜାରି ରଖିବାକୁ କଲେଜ କର୍ତ୍ତୃପକ୍ଷ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି ।

ରାଜ୍ୟ ସ୍ତରରେ ସମ୍ମାନିତ ହେଲେ ଉଦଳା ସାମ୍ବାଦିକ



ଉଦଳା (ମହାଭାରତ) - ସୋମବାର ଜାତୀୟ ପ୍ରେସ ଦିବସ ଅବସରରେ ରାଜ୍ୟ ସ୍ତରରେ ଉଦଳା ର ସାମ୍ବାଦିକ ସମ୍ମାନିତ ହୋଇଛନ୍ତି । ପ୍ରେସ ଦିବସ ଅବସରରେ କଳିଙ୍ଗ ୟୁନିୟନ ଅଫ ୱାର୍କିଙ୍ଗ ଜର୍ଣ୍ଣାଲିଷ୍ଟସ, ଓଡିଶା ର କଳିଙ୍ଗ ସାମ୍ବାଦିକ ସଂଘ ପିପିଲି ପକ୍ଷରୁ ଆୟୋଜିତ ହୋଇଥିଲା ରାଜ୍ୟ ସ୍ତରୀୟ ଜାତୀୟ ପ୍ରେସ ଦିବସ । ଏହି କାର୍ଯ୍ୟକ୍ରମରେ ଉଦଳା ଅଞ୍ଚଳର ବରିଷ୍ଠ ସାମ୍ବାଦିକ ସନ୍ତୋଷ କୁମାର ବାଛିନିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉପସ୍ଥିତ ଅତିଥି ମାନେ ତାଙ୍କୁ ଉପଢୌକନ ଏବଂ ସିଲଡ଼ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ନିଜ ୩୦ ବର୍ଷ ସାମ୍ବାଦିକତା ଜୀବନ କାଳ ଭିତରେ ଅନେକ ଘାତ, ପ୍ରତିଘାତ ସାମ୍ନା କରି ସୁଦ୍ଧା ନିରନ୍ତର ଭାବେ ଲୋକଙ୍କ ନିକଟରେ ସତ୍ୟ ଖବର ଉଦଘାପନ କରିବା ଏବଂ କର୍ମମୟ ଜୀବନରେ କେବେ ସାଲିସ କରି ନ ଥିବାରୁ ତାହାକୁ ଭୁୟସୀ ପ୍ରଶଂସା କରିଥିଲେ ଅତିଥିଗଣ । କେବଳ ସାମ୍ବାଦିକତା ନୁହେଁ, ଲୋକଙ୍କ ସମସ୍ୟା କୁ ଉଥାପନ କରିବା ସହିତ ସମାଜସେବୀ ସାଜି ସବୁବେଳେ ଜନ ହିତରେ କାର୍ଯ୍ୟ କରି ସାମ୍ବାଦିକତା କୁ ଏକ ନୂଆ ଦିଶା ଦେଖାଇଥିବାରୁ ଆଜିର ଯୁବପିଢ଼ି ସମାଜ ପାଇଁ ଆପଣ ପ୍ରେରଣାଦାୟୀ ବୋଲି କହିଥିଲେ ଅତିଥିଗଣ । ତେବେ ରାଜ୍ୟ ସ୍ତରରେ ଉଦଳା ସାମ୍ବାଦିକ ସମ୍ମାନିତ ହେବା ଉଦଳା ଅଞ୍ଚଳର ଗୌରବ ବୃଦ୍ଧି କରିବା ସହିତ ସାମ୍ବାଦିକ ସନ୍ତୋଷ ବାଛିନି ଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି ।

ଲିଟିଲ୍ ଷ୍ଟାର ପବ୍ଲିକ୍ ସ୍କୁଲର ୧୪ତମ ବାର୍ଷିକ କ୍ରୀଡ଼ା ଉତ୍ସବ



ନୂଆପଡା (ମହାଭାରତ): ଖଡ଼ିଆଳ ସ୍ଥିତ ଲିଟିଲ୍ ଷ୍ଟାର ପବ୍ଲିକ୍ ସ୍କୁଲର ୧୪ତମ ବାର୍ଷିକ କ୍ରୀଡ଼ା ଉତ୍ସବ ବିଜେପୁର ମଣ୍ଡି ପଡ଼ିଆ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ନଗର ଅଧ୍ୟକ୍ଷ ୟାସିନ୍ ମହମ୍ମଦ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ନିର୍ଦ୍ଦେଶକ ଗୋପାଳ ଚନ୍ଦ୍ର ଦାଶ ଉପସ୍ଥିତ ରହିଥିଲେ । ଅତିଥିମାନେ କ୍ରୀଡ଼ାର ମହତ୍ତ୍ୱ ଓ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶରେ ଏହାର ଭୂମିକା ସମ୍ପର୍କରେ ନିଜର ମତ ପ୍ରକାଶ କରିଥିଲେ । ଏହି କ୍ରୀଡ଼ା ଉତ୍ସବର ନେତୃତ୍ୱ ସୁରେନ୍ଦ୍ର କୁମାର ନେଇଥିବା ବେଳେ କ୍ରୀଡ଼ା ଦାୟିତ୍ୱରେ ଥିବା ଜୟପ୍ରକାଶ ମେହେର କାର୍ଯ୍ୟକ୍ରମର ସୁପରିଚାଳନା କରିଥିଲେ । ଶିକ୍ଷକ-ଶିକ୍ଷୟିତ୍ରୀ ରୀନା ଦଣ୍ଡସେନା, ଦେବେନ୍ଦ୍ର ତ୍ୟାଗୀ, ଅଞ୍ଜନା ବିଶି ଓ ଅନ୍ନପୂର୍ଣ୍ଣା ପୃଷ୍ଟି ସହଯୋଗ କରିଥିଲେ । ମଞ୍ଚ ପରିଚାଳନା ଓ ଘୋଷଣା ଦାୟିତ୍ୱରେ ସଚିନ ନାୟର ଓ ରୁଚିକା ମହାପାତ୍ର ରହିଥିଲେ । ଏହା ସହିତ ଅନ୍ୟ ସହଯୋଗୀ ଶିକ୍ଷକ-ଶିକ୍ଷୟିତ୍ରୀ ଜୟଶ୍ରୀ ଦାଶ ଓ ନସିମ ବେଗମ୍ ମଧ୍ୟ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀ ମାନେ ବିଭିନ୍ନ ଦୌଡ଼ ପ୍ରତିଯୋଗିତା ଓ କ୍ରୀଡ଼ାମୂଳକ କାର୍ଯ୍ୟକଳାପରେ ଉତ୍ସାହର ସହିତ ଭାଗ ନେଇ ନିଜର ପ୍ରତିଭା ଓ କ୍ରୀଡ



ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ



ଆସିଆନ୍ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ

ଏବେ ବିଶ୍ୱକୁ ଶାନ୍ତି ଓ ସ୍ଥିରତାର ଆବଶ୍ୟକତା



ନୂଆଦିଲ୍ଲୀ,୧୭।୧୧: ଆସିଆନ୍-ଭାରତ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଦୁନିଆ ଏବେ ବହୁ ସଙ୍କଟ ଦେଇ ଗତି କରୁଛି । ଏବେ ବିଶ୍ୱକୁ ଶାନ୍ତି ଏବଂ ସ୍ଥିରତାର ଆବଶ୍ୟକତା ରହିଛି । ଆମ ପାଖରେ ସାମର୍ଥ୍ୟ ଏବଂ ସଂକଳ୍ପ ଅଛି । ଯାହାଦ୍ୱାରା ଆମେ ଆପୋସ ସହଭାଗୀତାକୁ ନୂତନ ଦିଗ ଦେଇପାରିବା । ଭାରତର ବିକାଶ ଏବଂ ଆସିଆନର ସମୃଦ୍ଧି ଗଭୀର ଭାବରେ ଜଡ଼ିତ । ଆଗାମୀ ବର୍ଷଗୁଡ଼ିକରେ, ଆସିଆନ କମ୍ୟୁନିଟି ଭିଜନ ୨୦୪୫ ଏବଂ ବିକଶିତ ଭାରତ ୨୦୪୭ ଆମର ଆକାଂକ୍ଷା ପୂରଣ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଗତ ୧୨ ବର୍ଷ ମଧ୍ୟରେ ଆମେ ଆମର ସହଭାଗୀତାକୁ ନୂତନ ଗତି ଦେଇଛୁ । ଏବେ ଏକାଠି ହୋଇ ଆମକୁ ଭବିଷ୍ୟତ ପାଇଁ ଏକ ନୂତନ ମାର୍ଗ ପ୍ରସ୍ତୁତ କରିବାକୁ ପଡିବ । ଇଣ୍ଡୋ-ପ୍ୟାସିଫିକ ଅଞ୍ଚଳର ଏକତା ଏବଂ ଏହି ସହଭାଗୀତାରେ ଏହାର କେନ୍ଦ୍ରୀୟ ଭୂମିକା ପ୍ରତି ଭାରତର ପ୍ରତିବଦ୍ଧତା ଅଟଳ ରହିବ । ଆଜିର ବୈଠକ ଆମର ବ୍ୟାପକ ରଣନୈତିକ ସହଭାଗୀତାକୁ ନୂତନ ଉଚ୍ଚତାରେ ପହଞ୍ଚାଇବ ଏବଂ ଏକ ସୁରକ୍ଷିତ, ଅନ୍ତର୍ଭୁକ୍ତ ଏବଂ ସମୃଦ୍ଧ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ନିର୍ମାଣରେ ଯୋଗଦାନ ଦେବ ବୋଲି ମୋର ବିଶ୍ୱାସ । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଗତ କିଛି ବର୍ଷ ଧରି, ଭାରତର କାର୍ଯ୍ୟ ନୀତି ଆସିଆନ ସମ୍ପର୍କକୁ ନୂଆ ଦିଗ ଦେଇଛି । ଆମର ସହଭାଗୀତା ଏବେ ସାଧାରଣ ସଂସ୍କୃତି ଏବଂ ଐତିହ୍ୟଠାରୁ ଅଧିକ ବିସ୍ତାରିତ ହୋଇ ଡିଜିଟାଲ୍, ପ୍ରତିରକ୍ଷା ଏବଂ ମହାକାଶ ଭଳି କ୍ଷେତ୍ରରେ ଉପଲବ୍ଧି ପାଇଛି । ୨୦୧୪ ପରଠାରୁ, ଜନ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ୧୦୦ରୁ ଅଧିକ ପଦକ୍ଷେପ ନିଆଯାଇଛି । ପ୍ରାୟ ୨୫୦ଟି କ୍ୱିକ୍ ଇମ୍ପାକ୍ଟ ପ୍ରକଳ୍ପ ଆରମ୍ଭ କରାଯାଇଛି ଏବଂ ଦକ୍ଷତା ବିକାଶ ପାଇଁ ୧୦ ହଜାରରୁ ଅଧିକ ଛାତ୍ରବୃତ୍ତି ପ୍ରଦାନ କରାଯାଇଛି । ଆଜି ଭାରତ ଏବଂ ନଅଟି ଆସିଆନ ଦେଶ ମଧ୍ୟରେ ସିଧାସଳଖ ବିମାନ ଏବଂ ପର୍ଯ୍ୟଟନ ଆମର ଦୃଢ଼ ସମ୍ପର୍କର ଏକ ଦୃଢ଼ ପ୍ରମାଣ ।

କ୍ୱାଡ୍ ମଞ୍ଚରେ ମୋଦୀଙ୍କୁ ପ୍ରଶଂସା କଲେ ଡୋନାଲ୍ଡ ଟ୍ରମ୍ପ

ମାନିଲାରେ ଇଏରଇଘ ଶିଖର ସମ୍ମିଳନୀ ଅବସରରେ ଅନୁଷ୍ଠିତ କ୍ୱାଡ୍ ଦେଶ ଗୁଡ଼ିକର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସମୟରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପ୍ରଶଂସା କରି ତାଙ୍କୁ ଜଣେ 'କଠୋର ବ୍ୟକ୍ତି' ବୋଲି କହିଛନ୍ତି । କ୍ୱାଡ୍ ନେତାଙ୍କ ବୈଠକରେ ଭାରତ, ଆମେରିକା, ଅଷ୍ଟ୍ରେଲିଆ ଏବଂ ଜାପାନର ଶୀର୍ଷ ନେତା ମାନେ ଏକାଠି ହୋଇଥିଲେ । ବୈଠକ ପରେ, ନେତାମାନେ ଏକ ପାରମ୍ପରିକ ପରିବାର ଫଟୋ ପାଇଁ ପୋଜ୍ ମଧ୍ୟ ଦେଇଥିଲେ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଣ୍ଟୋନି ଆଲବାନିଜ୍ ଏବଂ ଜାପାନ ପ୍ରଧାନମନ୍ତ୍ରୀ ସାନାଏ ତାକାଏଚି ଏହି ଗୁରୁତ୍ୱପୂର୍ଣ୍ଣ କ୍ୱାଡ୍ ବୈଠକରେ ଯୋଗ ଦେଇଥିଲେ । ନେତାମାନେ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ସୁରକ୍ଷା, ରଣନୈତିକ ସହଯୋଗ ଏବଂ ଆଞ୍ଚଳିକ ଚ୍ୟାଲେଞ୍ଜ ଭଳି ପ୍ରମୁଖ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଭୂରାଜନୈତିକ ଉତ୍ତେଜନା ବୃଦ୍ଧି ଏବଂ କ୍ୱାଡ୍ ଦେଶ ମାନଙ୍କ ମଧ୍ୟରେ ସମନ୍ୱୟକୁ ଆହୁରି ମଜବୁତ କରିବା ପାଇଁ ପ୍ରୟାସ ସମୟରେ ଏହି ବୈଠକ ଅନୁଷ୍ଠିତ ହେଉଛି । ଚାରି ଦେଶ ଆଞ୍ଚଳିକ ସ୍ଥିରତା, ସୁରକ୍ଷା ଏବଂ ସହଯୋଗକୁ ପ୍ରୋତ୍ସାହିତ କରିବା ପାଇଁ ସେମାନଙ୍କର ପ୍ରତିବଦ୍ଧତାକୁ ଦୋହରାଇଥିଲେ।

ପୁଣି ଫେରିଲା ପୁରୁଣା ଭୟ

୨ ଦୋଷୀଙ୍କୁ ଜାମିନ ପରେ ଭାଙ୍ଗିପଡ଼ିଲେ ବିଲକିସ୍ ବାନୋ



ନୂଆଦିଲ୍ଲୀ,୧୭।୧୧: ୨୦୦୨ ଗୁଜରାଟ ଦଙ୍ଗା ସମୟରେ ବିଲକିସ୍ ବାନୋଙ୍କ ସହ ଗଣଦୁଷ୍କର୍ମ ଏବଂ ତାଙ୍କ ପରିବାରର ୧୪ ଜଣ ସଦସ୍ୟଙ୍କ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ୧୧ ଜଣଙ୍କ ମଧ୍ୟରୁ ଦୁଇ ଜଣଙ୍କୁ ସୁପ୍ରିମକୋର୍ଟଙ୍କ ପକ୍ଷରୁ ଜାମିନ ମିଳିବା ପରେ ଗଭୀର ଦୁଃଖ ଓ ଅସନ୍ତୋଷ ପ୍ରକାଶ କରିଛନ୍ତି ବିଲକିସ୍ ବାନୋ । ଏହି ନିଷ୍ପତ୍ତି ତାଙ୍କ ମନରେ ପୁଣିଥରେ ପୁରୁଣା ଭୟକୁ ଜାଗ୍ରତ କରିଥିବା ସେ କହିଛନ୍ତି । ବିଲକିସ୍ କହିଛନ୍ତି ଯେ, ତାଙ୍କୁ କୌଣସି ସୂଚନା ନଦେଇ କିମ୍ବା ତାଙ୍କ ପକ୍ଷ ଶୁଣିବାର ସୁଯୋଗ ନଦେଇ ସୁପ୍ରିମକୋର୍ଟ ଏହି ଆଦେଶ ଦେଇଛନ୍ତି । ଗଣମାଧ୍ୟମର ଖବର ମାଧ୍ୟମରେ ସେ ଏହି ନିଷ୍ପତ୍ତି ବିଷୟରେ ଜାଣିବାକୁ ପାଇଥିବା କହିଛନ୍ତି । ବିଲକିସ୍ ବାନୋ କହିଛନ୍ତି, "ମୁଁ ଏବେ ବି ବିଶ୍ୱାସ କରିପାରୁନାହିଁ ଯେ, ଦ୍ୱିତୀୟ ଥର ପାଇଁ ସୁପ୍ରିମକୋର୍ଟ ମୋତେ ଡାକିବା କିମ୍ବା ମୋ କଥା ଶୁଣିବା ବିନା ଏଭଳି ଆଦେଶ ଦେଇଛନ୍ତି । ଗଣମାଧ୍ୟମର ରିପୋର୍ଟରୁ ମୁଁ ଏହା ଜାଣିବାକୁ ପାଇଲି ।" ଏହି ନିଷ୍ପତ୍ତି ପରେ ସେ ନିଜ ପରିବାର ଓ ପିଲାମାନଙ୍କ ସୁରକ୍ଷାକୁ ନେଇ ପୁଣିଥରେ ଚିନ୍ତିତ ହୋଇପଡ଼ିଛନ୍ତି । ଏହା ନ୍ୟାୟ ବ୍ୟବସ୍ଥା ଉପରେ ତାଙ୍କ ବିଶ୍ୱାସକୁ ମଧ୍ୟ ଦୋହଲାଇ ଦେଇଥିବା ସେ କହିଛନ୍ତି । ନ୍ୟାୟ ପାଇଁ ଦୀର୍ଘ ୨୪ ବର୍ଷର ସଂଘର୍ଷକୁ ମନେ ପକାଇ ବିଲକିସ୍ କହିଛନ୍ତି ଯେ, ଏହି ସମୟ ମଧ୍ୟରେ ସେ ନିଜ ଭିତରେ ଏଭଳି ସାହସର ଉତ୍ସ ଖୋଜି ପାଇଥିଲେ, ଯାହା ତାଙ୍କ ନିଜକୁ ମଧ୍ୟ ଅଜଣା ଥିଲା । ଲକ୍ଷ ଲକ୍ଷ ଲୋକଙ୍କ ସମର୍ଥନ ଓ ଏକତା ଯୋଗୁଁ ହିଁ ସେ ଏହି ସାହସ ପାଇଥିବା କହିଛନ୍ତି । ୨୦୦୨ରେ ଘଟଣା ସମୟରେ ମାତ୍ର ୧୯ ବର୍ଷ ବୟସର ଥିବା ବିଲକିସ୍ ନିଜ ପରିବାର ଓ ବନ୍ଧୁମାନଙ୍କ ସହଯୋଗରେ ଜୀବନକୁ ପୁଣିଥରେ ସଜାଡ଼ିବା ପାଇଁ ଦୀର୍ଘ ସମୟ ନେଇଥିଲେ । ଏବେ ଶାନ୍ତିରେ ଜୀବନ ବିତାଇବାକୁ ଆଶା ରଖିଥିବା ବେଳେ ଅଦାଲତଙ୍କ ଏହି ନୂଆ ନିଷ୍ପତ୍ତି ତାଙ୍କ ପୁରୁଣା ଭୟକୁ ପୁଣି ଫେରାଇ ଆଣିଛି ।

ବିଲକିସ୍ କହିଛନ୍ତି, "ଆଜି ମୋତେ ଲାଗୁଛି, ଯେଉଁ ନ୍ୟାୟ ପାଇଁ ମୁଁ ଏତେ କଠିନ ସଂଘର୍ଷ କରିଥିଲି, ତାହା ମୋଠାରୁ ଛଡ଼ାଇ ନିଆଯାଉଛି । ପୁରୁଣା ଭୟ ପୁଣିଥରେ ମନକୁ ଆସୁଛି । ମୁଁ ନିଜ ପାଇଁ, ମୋ ପରିବାର ଓ ପିଲାମାନଙ୍କ ସୁରକ୍ଷାକୁ ନେଇ ପୁଣିଥରେ ଭୟଭୀତ ହୋଇପଡ଼ିଛି ।

ଦିଲ୍ଲୀ-ଏନ୍‌ସିଆର୍‌ରୁ ହଟିଲା ଗ୍ରାପ୍-୩ କଟକଣା

ନୂଆଦିଲ୍ଲୀ,୧୭।୧୧: ଦିଲ୍ଲୀ-ଏନସିଆରରେ ପ୍ରଦୂଷଣ ସ୍ତର ସାମାନ୍ୟ ହ୍ରାସ ପାଇବା ପରେ ଗ୍ରାପ୍-୩ କଟକଣାକୁ ପ୍ରତ୍ୟାହାର କରାଯାଇଛି । ଆଜି ଦିଲ୍ଲୀର ହାରାହାରି ଏକ୍ୟୁଆଇ ୨୦୪ ରେକର୍ଡ କରାଯାଇଛି । ଯାହା ପରେ ଗ୍ରାପ୍-୩ ସ୍ତର ପ୍ରତିବନ୍ଧକକୁ ହ୍ରାସ କରିବାକୁ ନିଷ୍ପତ୍ତି ନିଆଯାଇଛି । କେବଳ ଦିଲ୍ଲୀରେ ନୁହେଁ ବରଂ ଗାଜିଆବାଦ, ନୋଏଡା ଏବଂ ଗୁରୁଗ୍ରାମ ଭଳି ସହରଗୁଡ଼ିକରେ ମଧ୍ୟ ଗ୍ରାପ୍-୩ ପ୍ରତିବନ୍ଧକକୁ ପ୍ରତ୍ୟାହାର କରାଯାଇଛି । ଗ୍ରାପ୍ ସବ-କମିଟିର ଏକ ବୈଠକରେ ପ୍ରତିବନ୍ଧକକୁ ପ୍ରତ୍ୟାହାର କରିବା ନେଇ ନିଷ୍ପତ୍ତି ନିଆଯାଇଛି । କ୍ରମାଗତ ଭାବରେ ହ୍ରାସ ପାଉଥିବା ଏକ୍ୟୁଆଇକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି । ତଥାପି, ସମସ୍ତ ଗ୍ରାପ୍ ପର୍ଯ୍ୟାୟ-୧ ଏବଂ ପର୍ଯ୍ୟାୟ-୨ କଟକଣା ବଳବତ୍ତର ରହିବ । ୩୦ ଅକ୍ଟୋବର, ୨୦୨୬ ନିର୍ଦ୍ଦେଶ ଅନୁଯାୟୀ ଜାରି ହୋଇଥିବା କଟକଣା ମଧ୍ୟ ବଳବତ୍ତର ରହିବ । ଲୋକମାନେ ପ୍ରଦୂଷଣ ସମ୍ବନ୍ଧୀୟ ନିୟମାବଳୀରୁ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଆଶ୍ୱସ୍ତି ପାଇବେ ନାହିଁ । ତେବେ ଆସନ୍ତୁ ଜାଣିବା ଏହି କଟକଣା ହଟିବା ଦ୍ୱାରା କେଉଁ ସବୁ କାର୍ଯ୍ୟ ଚାଲିପାରିବ । ୧- ବିଏସ୍-୩ ପେଟ୍ରୋଲ କାରଗୁଡ଼ିକୁ ଚାଲିବାକୁ ଅନୁମତି ଦିଆଯିବ । ୨- ବିଏସ୍-୪ ଡିଜେଲ କାରଗୁଡ଼ିକୁ ଚାଲିବାକୁ ଅନୁମତି ଦିଆଯିବ । ୩- ବ୍ୟକ୍ତିଗତ ନିର୍ମାଣ ଏବଂ ଭଙ୍ଗା କାର୍ଯ୍ୟକଳାପ ଗୁଡିକୁ ପୁନର୍ବାର ଆରମ୍ଭ ହୋଇପାରିବ ।୪- ଖଣି କାର୍ଯ୍ୟକଳାପ ସହ ଜଡିତ ପ୍ରତିବନ୍ଧକ ହଟିଯିବ । ୫- ଗ୍ରାପ୍-୩ ଅଧୀନରେ କିଛି ବାଣିଜ୍ୟିକ ଯାନବାହନ ଉପରେ ଲଗାଯାଇଥିବା ଅତିରିକ୍ତ ପ୍ରତିବନ୍ଧକ ହଟିଯିବ ।



ପାକିସ୍ତାନ ମନ୍ତ୍ରୀଙ୍କୁ ଭାରତ ସରକାରଙ୍କ ନିମନ୍ତ୍ରଣ

ନୀତି ଉପରେ ପ୍ରଶ୍ନ ଉଠାଇଲା କଂଗ୍ରେସ

ନୂଆଦିଲ୍ଲୀ,୧୭।୧୧: ସିନ୍ଧୁ ଜଳ ଚୁକ୍ତି ବାତିଲ ହୋଇ ରହିଛି । ପାକିସ୍ତାନ ସହ କୂଟନୀତିକ ସମ୍ପର୍କ ନାହିଁ। ତଥାପି ଭାରତ ସରକାର ଆଗାମୀ ସଙ୍ଗାଇ କର୍ପୋରେସନ ଅର୍ଗାନାଇଜେସନ (ଏସ୍‌ସିଓ)ର ସିଭିଲାଇଜେସନ ଡାଏଲଗ ଫୋରମ ପାଇଁ ପାକିସ୍ତାନକୁ ନିମନ୍ତ୍ରଣ କରିଛନ୍ତି। ନୂଆଦିଲ୍ଲୀରେ ପ୍ରଥମଥର ପାଇଁ ଏସ୍‌ସିଓ ସିଭିଲାଇଜେସନ ଡାଏଲଗ ଫରୋମ ଅନୁଷ୍ଠିତ ହେଉଛି।

ଏଥିପାଇଁ ଆୟୋଜକ ଦେଶ ଭାବେ ଭାରତ ଏସ୍‌ସିଓର ସମସ୍ତ ୧୦ ସଦସ୍ୟ ରାଷ୍ଟ୍ରର ସଦସ୍ୟଙ୍କ ପାଖକୁ ନିମନ୍ତ୍ରଣ ପଠାଯାଇଛି। ଏହା ମଧ୍ୟରୁ ଗୋଟିଏ ପାକିସ୍ତାନର ଜାତୀୟ ଐତିହ୍ୟ ଓ ସଂସ୍କୃତି ମନ୍ତ୍ରୀଙ୍କୁ ମଧ୍ୟ ଦିଆଯାଇଛି। ପହଲଗାମ ନରସଂହାର ଓ ଅପରେସନ ସିନ୍ଦୂର ପରେ ସୃଷ୍ଟି ହୋଇଥିବା ତିକ୍ତତା ପରେ ପ୍ରଥମଥର ପାଇଁ ପାକିସ୍ତାନକୁ ଏପରି ନିମନ୍ତ୍ରଣ କରିଛି ଭାରତ। ପାକିସ୍ତାନ ଜଣେ ମନ୍ତ୍ରୀଙ୍କୁ ମଧ୍ୟ ନୂଆଦିଲ୍ଲୀ ପଠାଇବାକୁ ନିଷ୍ପତ୍ତି ନେଇଛି।

ତେବେ ଭାରତ ସରକାରଙ୍କ ଏପରି ନିମନ୍ତ୍ରଣକୁ ନେଇ କ୍ଷୁବ୍ଧ ହୋଇଛି ବିରୋଧୀ କଂଗ୍ରେସ। ସରକାରଙ୍କ ନୀତି ଉପରେ ଦଳ ପ୍ରଶ୍ନ ଉଠାଇଛି। ପାକିସ୍ତାନ ହେଉଛି ସେହି ଦେଶ ଯିଏ ଭାରତୀୟଙ୍କୁ ମାରିବା ପାଇଁ ଆତଙ୍କବାଦୀ ପଠାଉଛି। ଏବେ ସେହି ଦେଶକୁ ଭାରତ ସରକାର ନିମନ୍ତ୍ରଣ କରିଛନ୍ତି। ସେହି ଦେଶର ମନ୍ତ୍ରୀଙ୍କୁ ସରକାର ବିରିୟାନୀ ମଧ୍ୟ ପରସିବେ ବୋଲି କଂଗ୍ରେସ କହିଛନ୍ତି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ଭାରତ ସରକାରଙ୍କ ନିମନ୍ତ୍ରଣ ପରେ ପାକିସ୍ତାନ ପକ୍ଷରୁ ଦେଶର ଜଳବାୟୁ ପରିବର୍ତ୍ତନ ଓ ପରିବେଶ ମନ୍ତ୍ରୀ ମୁସାଡିକ ମସୁଦ ମଲିକଙ୍କୁ ନୂଆଦିଲ୍ଲୀ ପଠାଇବାକୁ ନିଷ୍ପତ୍ତି ନେଇଛି। ମନ୍ତ୍ରୀ ମଲିକ ନଭେମ୍ବର ୨୦ରୁ ୨୨ ଯାଏ ନୂଆଦିଲ୍ଲୀରେ ଆୟୋଜିତ ହେବାକୁ ଥିବା ଏସ୍‌ସିଓ ସମ୍ମିଳନୀରେ ଯୋଗଦେବେ। ମଲିକ ହେଉଛନ୍ତି ପାକିସ୍ତାନର ସେହି ମନ୍ତ୍ରୀ ଯିଏ ସିନ୍ଧୁ ଜଳ ଚୁକ୍ତି ପ୍ରସଙ୍ଗରେ ଭାରତକୁ ମନଇଚ୍ଛା ସମାଲୋଚନା କରୁଛନ୍ତି। ଚଳିତ ବର୍ଷ ସେ ଭାରତକୁ ଧମକ ଦେଇଥିଲେ। ସେ କହିଥିଲେ ଯେ ପାକିସ୍ତାନର ପାଣିକୁ ନିୟନ୍ତ୍ରଣ କରିବାକୁ ଚାହୁଁଥିବା ହାତଗୁଡ଼ିକୁ କାଟି ଦିଆଯିବ। ସେଭଳି ଜଣେ ମନ୍ତ୍ରୀ ଏବେ ଭାରତ ଆସିବେ।



କଂଗ୍ରେସ ପକ୍ଷରୁ ବିଜେପି ବାରମ୍ବାର ପାକିସ୍ତାନ ପ୍ରେମ ଦେଖାଉଥିବା ଅଭିଯୋଗ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅପ୍ରତ୍ୟାଶିତ ଭାବେ ପାକିସ୍ତାନରେ କରିଥିବା ଲ୍ୟାଣ୍ଡିଂ ପ୍ରସଙ୍ଗ ମଧ୍ୟ ଉଠାଇଛି। ଦେଶର ପୂର୍ବତନ ବିଦେଶ ମନ୍ତ୍ରୀ ସଲମାନ ଖୁର୍ସିଦ କହିଛନ୍ତି, "ସରକାର ନୀତି ଆଦୌ ସ୍ପଷ୍ଟ ନୁହେଁ। ଏହା କେଉଁ ପ୍ରକାରର ନୀତି ସେମାନେ ଯାହା ଦେଖାଇବାକୁ, କରିବାକୁ କିମ୍ବା କହିବାକୁ ଚାହୁଁଛନ୍ତି, ସେକଥା ସ୍ପଷ୍ଟ ଭାବେ ସମସ୍ତଙ୍କ ସାମ୍ନାରେ ରଖନ୍ତୁ। ସବୁ କିଛି ସ୍ପଷ୍ଟ ହେଲେ ଆମେ ସେମାନଙ୍କ ସ୍ଥିତି ସମ୍ପର୍କରେ ବୁଝି ପାରିବୁ।" ବେଲାରୁସ, ଚାଇନା, ଭାରତ, ଇରାନ, କାଜାଖସ୍ତାନ, କିରଗିସ୍ତାନ, ପାକିସ୍ତାନ, ରୁଷ, ତାଜିକିସ୍ତାନ ଓ ଉଜବେକିସ୍ତାନ ଭଳି ୧୦ଟି ରାଷ୍ଟ୍ର ଏସ୍‌ସିଓରେ ରହିଛନ୍ତି। ୨୦୧୭ରେ ଭାରତ ଏସ୍‌ସିଓର ପୂର୍ଣ୍ଣ ସଦସ୍ୟ ରାଷ୍ଟ୍ର ମାନ୍ୟତା ପାଇଥିଲା।

ଭୁଶୁଡ଼ିଗଲା ଛାତ: ୨ ମୃତ

ନୂଆଦିଲ୍ଲୀ,୧୭।୧୧: ପୂର୍ବ ଦିଲ୍ଲୀର କସ୍ତୁରବା ନଗରରେ ମଙ୍ଗଳବାର ଏକ ଘରର ଛାତ ଭୁଶୁଡ଼ି ପଡ଼ିବା ଫଳରେ ଜଣେ ତିନି ବର୍ଷର ଶିଶୁ ସମେତ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟ ମୃତକ ଜଣେ ଯୁବକ। ତାଙ୍କୁ ୩୫ ବର୍ଷ ହୋଇଥିଲା। ଏହି ଘରେ ଆଠ ଜଣ ଲୋକ ରହୁଥିଲେ । ଅନ୍ୟ ଛଅ ଜଣ ଏବେ ବି ଭଗ୍ନାବଶେଷ ତଳେ ଫସି ରହିଛନ୍ତି। ଏମାନେ ସମସ୍ତେ ଭଉଟିଆ ବୋଲି ଜଣାପଡ଼ିଛି। ଏହି ଘଟଣା ପରେ ଅଗ୍ନିଶମ ବାହିନୀ କର୍ମଚାରୀ ଏବଂ ଅନ୍ୟାନ୍ୟ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିବା ପାଇଁ ଅଭିଯାନ ଆରମ୍ଭ କରିଛନ୍ତି। ସ୍ଥାନୀୟ ଲୋକମାନେ ମଧ୍ୟ ଉଦ୍ଧାର କାର୍ଯ୍ୟରେ ସେମାନଙ୍କୁ ସହାୟତା କରୁଛନ୍ତି। ସ୍ଥାନୀୟ ବିଜେପି କର୍ପୋରେଟର ଦାବି କରିଛନ୍ତି ଯେ ଯେଉଁ ଘରର ଛାତ ଭୁଶୁଡ଼ି ପଡ଼ିଛି, ତାହା ରେଳବାଇ ଜମିରେ ବେଆଇନ ଭାବେ ନିର୍ମାଣ ହୋଇଥିଲା। ୫/୬ ଦଶନ୍ଧି ହେଲାଣି ଲୋକେ ଏଠାରେ ଜମି ଜବରଦଖଲ କରିବା ସହିତ ଏମିତି ଭାବେ ବେଆଇନ ନିର୍ମାଣ କରି ଚାଲିଛନ୍ତି। ଗତ ରବିବାର ଦିଲ୍ଲୀର ପାହାଡ଼ଗଞ୍ଜରେ ଏକ ନିର୍ମାଣାଧୀନ ହୋଟେଲର କିଛି ଅଂଶ ଭୁଶୁଡ଼ି ପଡ଼ିବାରୁ ଆଠ ଜଣ ଲୋକ ଆହତ ହୋଇଥିଲେ।

ଘଣ୍ଟାରେ ଦୁଇ ଦୁର୍ଘଟଣା, ଚାଲିଗଲା ୧୩ ଜୀବନ

ଉତ୍ତରାଖଣ୍ଡ,୧୭।୧୧: ଉତ୍ତରାଖଣ୍ଡ ଟିହରୀ ଗଢ଼ୱାଲ ଜିଲ୍ଲାରେ ଭୟଙ୍କର ବସ୍ ଦୁର୍ଘଟଣା ଘଟିଛି । ଗୁଲାର ବଜାର ନିକଟରେ ଏକ ଯାତ୍ରୀବାହୀ ବସ୍ ପୋଲ ଉପରୁ ପ୍ରାୟ ୧୦୦ ମିଟର ତଳକୁ ଏକ ଗଭୀର ଖାଇକୁ ଖସିପଡ଼ିଛି । ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ୧୩ରେ ପହଞ୍ଚିଛି। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଦୁର୍ଘଟଣା ପରେ ଘଟଣାସ୍ଥଳରେ ଜୋରଦାର ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଖାଇ ଭିତରେ ଫସିଥିବା ଲୋକଙ୍କୁ ଉଦ୍ଧାର ସହ ଆହତଙ୍କୁ ଚିକିତ୍ସା ପାଇଁ ପଠାଇବାକୁ ଉଦ୍ୟମ ଜାରି ରହିଛି । ସେପଟେ ଏହି ଦୁଃଖଦ ଦୁର୍ଘଟଣାକୁ ନେଇ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇବା ସହ ଆହତମାନଙ୍କ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି ।

ୟୁକ୍ରେନ ସେନାର ଆକ୍ରମଣ, ଧ୍ୱଂସ ହେଲା କେର୍ଚ୍ଚ ବ୍ରିଜ୍‌ର ଏକ ବଡ଼ଅଂଶ

ନୂଆଦିଲ୍ଲୀ,୧୭।୧୧: ଭୟଙ୍କର ହେଲା ରଷ- ୟୁକ୍ରେନ ଯୁଦ୍ଧ । ୟୁକ୍ରେନ ସେନା ଆକ୍ରମଣରେ ରଷକୁ କ୍ରିମିଆ ସହ ଯୋଡୁଥିବା ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ କେର୍ଚ୍ଚ ବ୍ରିଜର ଏକ ବଡ଼ ଅଂଶ ଧ୍ୱଂସ ହେବା ସହ ୨ ଜଣଙ୍କ ମୃତ୍ୟୁ ହୋଇଛି । କେବଳ ଯାତାୟତ ନୁହେଁ ସାମରିକ ଉପକରଣ, ଇନ୍ଧନ ଭଳି ସାମଗ୍ରୀ ପରିବହନ ପାଇଁ ରଷ ଏହି ବ୍ରିଜ ଉପରେ ନିର୍ଭର କରିଥାଏ । ଗୁରୁତ୍ୱପୂର୍ଣ୍ଣ ବ୍ରିଜ ଧ୍ୱଂସ ହେବା ପରେ ପ୍ରତିକ୍ରିୟାଶୀଳ ହୋଇପଡିଛି ରଷ । ପ୍ରତିଶୋଧ ନେବାକୁ ୟୁକ୍ରେନର ରାଜଧାନୀ କିଭ୍ ଉପରେ ଭୟଙ୍କର କ୍ଷେପଣାସ୍ତ୍ର ଓ ଡ୍ରୋନ ଆକ୍ରମଣ କରି ଦୁଇଟି ପୋଲକୁ କ୍ଷତିଗ୍ରସ୍ତ କରିଛି ରଷ ସେନା । ବେଜିଂରେ ଟ୍ରମ୍ପ, ପୁଟିନ ଓ ଜିନପିଙ୍ଗଙ୍କ ମଧ୍ୟରେ ହେବାକୁ ଥିବା କୂଟନୈତିକ ବୈଠକ ପୂର୍ବରୁ ରଷ- ୟୁକ୍ରେନ ବିବାଦ ତେଜିବା ବିଶ୍ୱର ଚିନ୍ତା ବଢାଇ ଦେଇଛି ।

ଦେଶରେ ବିମାନ ସଂଖ୍ୟା ବଢ଼ାଇବାକୁ ବଡ଼ ଯୋଜନା

ନୂଆଦିଲ୍ଲୀ,୧୭।୧୧: ଭାରତୀୟ ବିମାନ ଚଳାଚଳ କ୍ଷେତ୍ର ବର୍ତ୍ତମାନ ଏକ ନୂତନ ଯୁଗ ଦେଇ ଗତି କରୁଛି । ଦେଶରେ ଆକାଶମାର୍ଗରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ ବିମାନର ଭାରୀ ଅଭାବକୁ ଦୂର କରିବା ପାଇଁ କେନ୍ଦ୍ର ସରକାର ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି । କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ

ଭୁବନେଶ୍ୱର, ବୁଧବାର ୧୮ ନଭେମ୍ବର ୨୦୨୬
Bhubaneswar, Wednesday 18November 2026
ମଇଦାନ୍
ସମ୍ବାଦ
ଏଇ ମାଟିରେ ଯୋଡୁଛି ନୂଆ ସମ୍ମାନ

୨୦୨୬ ଆଇପିଏଲ

ଓହରିଲେ ହେଡ୍, ଗୁଜରାଟ ଗଲେ ହର୍ଷଲ

ମୁମ୍ବାଇ,୧୭।୧୧(ଏଜେନ୍ସି): ଆସନ୍ତା ୨୦୨୭ ଆଇପିଏଲ ପୂର୍ବରୁ ସନରାଇଜର୍ସ ହାଇଦ୍ରାବାଦକୁ ଶକ୍ତ ଝଟକା। ୨୦୨୬ରେ ଦଳ ପାଇଁ ଖେଳିବେ ନାହିଁ ବିସ୍ଫୋରକ ଓପନର ତଥା ଅଷ୍ଟ୍ରେଲୀୟ ତାରକା ଟ୍ରାଭିସ ହେଡ୍। ସେ ନିଜର ୱାର୍କଲୋଡ ପରିଚାଳନା ପାଇଁ ୨୦୨୭ ଆଇପିଏଲରୁ ଓହରି ଯାଇଛନ୍ତି। ଏନେଇ ସେ ହାଇଦ୍ରାବାଦ ପ୍ରାଞ୍ଚାଇଜକୁ ମଧ୍ୟ ଅବଗତ କରି ସାରିଥିବା ଜଣାପଡ଼ିଛି।

୨୦୨୭ ଅଷ୍ଟ୍ରେଲିଆ ପାଇଁ ବେଶ ବ୍ୟସ୍ତ ବହୁଳ ରହିବ। ହେଡ୍ ଦଳର ପ୍ରମୁଖ ସଦସ୍ୟ ହୋଇଥିବାରୁ ସେ ଆଇପିଏଲର ପରବର୍ତ୍ତୀ ସଂସ୍କରଣ ସମୟରେ ବିଶ୍ରାମ ନେବାକୁ ନିଷ୍ପତ୍ତି ନେଇଛନ୍ତି। ଆଇପିଏଲ ବଦଳରେ ସେ ନିଜ ଦେଶ ଅଷ୍ଟ୍ରେଲିଆକୁ ବାଛିଛନ୍ତି।

ଏହାର ଅର୍ଥ ୨୦୨୭ରେ ଅଭିଷେକ ଶର୍ମାଙ୍କ ଯୋଡ଼ି ହେଡ୍‌ଙ୍କୁ ହାଇଦ୍ରାବାଦର ପ୍ରଶଂସକ ମିସ କରିବେ। ହେଡ୍ ଆଗୁଆ ଉପଲବ୍ଧ ହେବେ ନାହିଁ ବୋଲି କହି ସାରିଥିବାରୁ ଏବେ ହାଇଦ୍ରାବାଦ ଅଭିଷେକଙ୍କ ନୂଆ ପାର୍ଟନରଙ୍କୁ ଖୋଜିବାରେ ଲାଗିଛି। ସମ୍ଭବତଃ ମିନି ଅକ୍ସନ ବେଳେ ହେଡ୍‌ଙ୍କ ବଦଳ ଖେଳାଳିଙ୍କୁ ଦଳ କିଣିବାକୁ ଲକ୍ଷ୍ୟ ରଖିଛି। ୨୦୨୫ ମେଗା ଅକ୍ସନ ପୂର୍ବରୁ ହାଇଦ୍ରାବାଦ ହେଡ୍‌ଙ୍କୁ ୧୪ କୋଟି ଟଙ୍କା ବଳରେ ରିଟେନ କରିଥିଲା। ହାଇଦ୍ରାବାଦ ରିଟେନ କରିଥିବା ୫ ଖେଳାଳିଙ୍କ ମଧ୍ୟରେ ଥିଲେ ହେଡ୍। ୨୦୨୬ରେ ହେଡ୍ ଖେଳିବେ ନାହିଁ ବୋଲି ମନା କରିଥିବାରୁ ତାଙ୍କୁ ହାଇଦ୍ରାବାଦ ରିଲିଜ କରିପାରେ। ଏପରି ହେଲେ ତାଙ୍କ ବଦଳରେ ହାଇଦ୍ରାବାସ ପର୍ସକୁ ୧୪ କୋଟି ଟଙ୍କା ଫେରିବ। ଏହି ଟଙ୍କା ବଳରେ ଦଳ ଜଣେ ବଡ଼ ଖେଳାଳିଙ୍କୁ ମିନି ଅକ୍ସନରେ କିଣି ପାରିବ।



ଗତ ୩ଟି ସଂସ୍କରଣରେ ହାଇଦ୍ରାବାଦ ପାଇଁ ଖେଳି ଚାଲିଛନ୍ତି ହେଡ୍। ୨୦୨୪ରେ ହାଇଦ୍ରାବାଦ ତାଙ୍କୁ ୬.୮ କୋଟି ଟଙ୍କାରେ କିଣିଥିଲା। ସେବେଠାରୁ ସେ ପ୍ରାଞ୍ଚାଇଜ ସହ ରହିଛନ୍ତି। ୨୦୨୪ ଆଇପିଏଲରେ ହାଇଦ୍ରାବାଦ ଫାଇନାଲ ଯାଇଥିଲା।

ଏହି ସମୟରେ ହେଡ୍ ଦଳ ପାଇଁ ଦମଦାର ବ୍ୟାଟିଂ କରିଥିଲେ। ୨୦୨୪ରେ ତାଙ୍କ ବ୍ୟାଟରୁ ଦେଖିବାକୁ ମିଳିଥିଲା ୫୬୭ ରନ। ୨୦୨୫ରେ ସେ ୩୭୪ ଓ ୨୦୨୬ରେ ସେ କରିଥିଲେ ୪୧୦ ରନ।

ଅନ୍ୟପଟେ ଆଜି ହେଉଛି ଆଇପିଏଲ ଖେଳାଳି ଟ୍ରେଡର ଶେଷ ଦିନ। ଏହାପୂର୍ବରୁ ହାଇଦ୍ରାବାଦ ଜୀଶାନ ଅନସାରୀଙ୍କୁ ଦିଲ୍ଲୀକୁ ଦେଇ ଟି ନଟରାଜନଙ୍କୁ ଆଣିଛି। ସେହିପରି ଲିଆମ ଲିଭିଙ୍ଗଷ୍ଟୋନ ଓ ଜ୍ୟାକ ଏଡୱାର୍ଡସଙ୍କୁ ଦଳ ଚେନ୍ନାଇକୁ ଦେଇ ଦେଇଛି। ଏହି ଦୁଇ ଖେଳାଳିଙ୍କ ବଦଳରେ ହାଇଦ୍ରାବାଦ ଖଲୀଲ ଅହମଦ ଓ ନାଥନ ଏଲିସଙ୍କୁ ପାଇଛି। ଏହାବାଦ ହର୍ଷଲ ପଟେଲଙ୍କୁ ହାଇଦ୍ରାବାଦ ୮ କୋଟି ଟଙ୍କାରେ କିଣିଥିଲା। ଆଜି ସେ ୪ କୋଟି ଟଙ୍କା ବଳରେ ଗୁଜରାଟ ଟାଇଟନ୍ସକୁ ଟ୍ରେଡ ହୋଇଛନ୍ତି। ୨୦୨୬ରେ ହର୍ଷଲ ପଟେଲ ଗୁଜରାଟ ପାଇଁ ଖେଳିବେ।

ରାଜସ୍ଥାନ ରୟାଲ୍ସକୁ ଗଲେ ଶାମି

ନୂଆଦିଲ୍ଲୀ,୧୭।୧୧: ଆଇପିଏଲ ୨୦୨୭ ମିନି ଅକ୍ସନ ପୂର୍ବରୁ ବଡ଼ଧରଣର ଓଲଟପାଲଟ। ପୁଣି ବଦଳିଛି ଦ୍ରୁତ ବୋଲର ମହମ୍ମଦ ଶାମିଙ୍କ ଆଇପିଏଲ ଠିକଣା। ଲକ୍ଷ୍ନୌ ସୁପର ଜାଏଣ୍ଟସରୁ ରାଜସ୍ଥାନ ରୟାଲ୍ସକୁ ଟ୍ରେଡ ହେଇଛନ୍ତି ଶାମି। ଏହା ଶାମିଙ୍କ ୭ମ ଆଇପିଏଲ ପ୍ରାଞ୍ଚାଇଜ୍।ଶାମିଙ୍କୁ ରାଜସ୍ଥାନ ୮ କୋଟି ଟଙ୍କା ବଳରେ ନିଜ ସହ ସାମିଲ କରିଛି। ଲକ୍ଷ୍ନୌ ତାଙ୍କୁ ମେଗା ଅକ୍ସନରେ ୧୦ କୋଟି ଟଙ୍କାରେ କିଣିଥିଲା। ଅର୍ଥାତ ଶାମିଙ୍କ ମୂଲ୍ୟ ୨ କୋଟି ହ୍ରାସ ପାଇଛି। ଟ୍ରେଡ୍ ବଳରେ ଶାମିଙ୍କୁ ହାସଲ କରି ରାଜସ୍ଥାନ ନିଜ ବୋଲିଂ ଆଟାକକୁ ଆହୁରି ଦୃଢ଼ କରିଛି। ରିଟେନସ ସମୟସୀମା ଶେଷ ପୂର୍ବରୁ ରାଜସ୍ଥାନ ଶାମିକୁ ହାସଲ କରିବା ଦଳର ରଣନୀତିକୁ ଦର୍ଶାଉଛି।

ସାମ କରନଙ୍କ ଦଳ ବଦଳିଲା



ଏଯାଏ ୧୩୨ଟି ଆଇପିଏଲ ମ୍ୟାଚ୍ ଖେଳିଥିବା ଶାମି ୧୪୫ଟି ୱିକେଟ ନେଇଛନ୍ତି। ନୂଆ ବଳରେ ସେ ୨୦୨୭ରେ ରାଜସ୍ଥାନ ପାଇଁ କମାଲ କରିବେ ବୋଲି ଫ୍ରାଞ୍ଚାଇଜ ଆଶା ରଖିଛି।

ରାଜସ୍ଥାନକୁ ଟ୍ରେଡ ହୋଇଥିବା ଶାମି କୋଲକାତା ନାଇଟ ରାଇଡର୍ସ, ଦିଲ୍ଲୀ କ୍ୟାପିଟାଲ୍ସ, ପଞ୍ଜାବ କିଙ୍ଗସ, ଗୁଜରାଟ ଟାଇଟନ୍ସ, ସନ ରାଇଜର୍ସ ହାଇଦ୍ରାବାଦ ଓ ଲକ୍ଷ୍ନୌ ସୁପର ଜାଏଣ୍ଟସ ପାଇଁ ଖେଳି ସାରିଛନ୍ତି।

ଶାମିଙ୍କ ସହ ଲକ୍ଷ୍ନୌରେ ଥିବା ବାମହାତୀ ସ୍ପିନର ଏମ ସିଦ୍ଧାର୍ଥ ମଧ୍ୟ ରାଜସ୍ଥାନକୁ ଯାଇଛନ୍ତି। ତାଙ୍କୁ ରାଜସ୍ଥାନ ମୂଳ ଦାମ ୭୫ ଲକ୍ଷରେ ନିଜ ସହ ସାମିଲ କରିଛି। ରାଜସ୍ଥାନ ଦୁଇ ଜଣ ଖେଳାଳି ନେଇଥିବା ବେଳେ ଏହା ବଦଳରେ ଲକ୍ଷ୍ନୌକୁ ସାମ କରନଙ୍କୁ ଦେଇଛି। ଏହି ଇଂଲିଶ ଅଲରାଉଣ୍ଡ ଧାର୍ଯ୍ୟ ଦର ୨.୪ କୋଟିରେ ଲକ୍ଷ୍ନୌକୁ ଯାଇଛନ୍ତି। ସାମ କୁରାନଙ୍କୁ ରାଜସ୍ଥାନ ୨୦୨୬ ଆଇପିଏଲ ପୂର୍ବରୁ ଚେନ୍ନାଇ ସୁପର କିଙ୍ଗସରୁ ଟ୍ରେଡ ଜରିଆରେ ଆଣିଥିଲା। କିନ୍ତୁ ଆହତ ସମସ୍ୟା ଯୋଗୁ ସେ ରାଜସ୍ଥାନ ପାଇଁ ଗୋଟିଏ ବି ମ୍ୟାଚ୍ ଖେଳି ପାରି ନଥିଲେ।ସାମ କୁରାନ ବାଦ ପଡ଼ିବାରୁ ରାଜସ୍ଥାନ ଶେଷ ମୁହୂର୍ତ୍ତରେ ଦସୁନ ଶଣକାଙ୍କୁ ୨୦୨୬ ଆଇପିଏଲ ପାଇଁ ସାଇନ କରିଥିଲା। ନିଜର ଆଇପିଏଲ କ୍ୟାରିୟରରେ ସାମ କରାନ ୫୯ଟି ୱିକେଟ ନେବା ସହ ୯୯୭ ରନ କରିଛନ୍ତି। ଏବେ ସେ ଲକ୍ଷ୍ନୌପାଇଁ ଉଭୟ ବ୍ୟାଟ ଓ ବଲ୍‌ରେ କମାଲ କରିବେ ବୋଲି ପ୍ରାଞ୍ଚାଇଜ ଆଶା ରଖିଛି।

ସରିଲା ଧୋନୀଙ୍କ ଆଇପିଏଲ୍ ଯୁଗ

ଚେନ୍ନାଇ,୧୭।୧୧(ଏଜେନ୍ସି): ଆଇପିଏଲରେ ସରିଲା ମହେନ୍ଦ୍ର ସିଂହ ଧୋନିଙ୍କ ଯୁଗ। ଦୀର୍ଘ ୧୮ ବର୍ଷର ଆଇପିଏଲ ଯାତ୍ରାରେ ପଡ଼ିଛି ପୂର୍ଣ୍ଣଚ୍ଛେଦ। ଶେଷରେ ସବୁ କଳ୍ପନାଜଳ୍ପନାର ଅନ୍ତ ଘଟାଇ ଆଇପିଏଲରୁ ଖେଳାଳି ଭାବେ ଅପ୍ରତ୍ୟାଶିତ ଢଙ୍ଗରେ ଅବସର ନେଇଛନ୍ତି କିମ୍ବଦନ୍ତୀ କ୍ରିକେଟର ମହେନ୍ଦ୍ର ସିଂହ ଧୋନି। ସେ ଆଜି ବିଧିବଦ୍ଧ ଭାବେ ଆଇପିଏଲରୁ ଅବସର ଘୋଷଣା କରିଛନ୍ତି।

ସେ ଖେଳାଳି ଭାବେ ଅବସର ନେଇଥିଲେ ହେଁ ଆଇପିଏଲ ସହ ଯୋଡ଼ି ହୋଇ ରହିବେ। ଚେନ୍ନାଇ ସୁପର କିଙ୍ଗସର ମେଣ୍ଟର ବା ମାର୍ଗଦର୍ଶକ ଭାବେ ସେ ଦାୟିତ୍ୱ ପାଇଛନ୍ତି। ଧୋନିଙ୍କ ବିନା ଚେନ୍ନାଇ କିଛି ନୁହେଁ ବୋଲି କହିଛନ୍ତି। ଏଥିପାଇଁ ବାନ୍ଧି ରଖିବା ପାଇଁ ତାଙ୍କୁ କରାଯାଇଥିବା କୁହାଯାଇଛି।



୨୦୦୮ରୁ ଚେନ୍ନାଇ ସୁପର ଯୋଡ଼ି ହୋଇ ସମସ୍ୟା ଯୋଗୁ ମ୍ୟାଚ୍ ଖେଳି ନଥିଲେ, ରୁମରେ ଉପସ୍ଥିତ ସମସ୍ତେ ଆଶା କରିଥିଲେ ଯେ ୨୦୨୭ ଆଇପିଏଲରେ ଥାଲା ପୁଣି କମବ୍ୟାକ କରିବେ। ହେଲେ ସବୁବେଳେ ସମସ୍ତଙ୍କୁ ନିଜ ନିଷ୍ପତ୍ତିରେ ସର୍ପାଇଜ ଦେଉଥିବା ଧୋନି ବେଶ ଚୁପଚୁପ ଆଇପିଲରୁ ଖେଳାଳି ଭାବେ ଅବସର ଘୋଷଣା କରିଛନ୍ତି।

୨୦୨୬ ଯାଏ ଧୋନି କିଙ୍ଗସ ସହ ଖେଳାଳି ଭାବେ ରହିଥିଲେ। ଯଦିଓ ସେ ଆହତ ୨୦୨୬ରେ ଗୋଟିଏ ତଥାପି ସେ ଡ୍‌ରେସିଂ ରହିଥିଲେ।

୨୦୨୭ ଆଇପିଏଲ ପାଇଁ ଡିସେମ୍ବର ୧୬ରେ ମିନି ଅକ୍ସନ ହେବ। ଏହାପୂର୍ବରୁ ହିଁ ଧୋନି ଅବସର ଘୋଷଣା କରିବା ସମସ୍ତଙ୍କୁ ଚକିତ କରି ଦେଇଛି। ଧୋନିଙ୍କ ନେତୃତ୍ୱରେ ଚେନ୍ନାଇ ରେକର୍ଡ ୫ ଥର ଆଇପିଏଲ ଟ୍ରଫି ଜିତିଛି। ଏହାବାଦ ଧୋନିଙ୍କ କ୍ୟାପ୍‌ଟେନ୍ସିରେ ଚେନ୍ନାଇ ୨ ଥର ଚାମ୍ପିୟନ୍ସ ଲିଗ ମଧ୍ୟ ଜିତିଥିଲା।

ଆଇପିଏଲର ପ୍ରଥମ ସଂସ୍କରଣରୁ ହିଁ ଚେନ୍ନାଇ ସହ ରହିଛନ୍ତି ଧୋନି। ସେ ଆଇପିଏଲ ଇତିହାସର ଅନ୍ୟତମ ମହାନ ବ୍ୟାଟର୍। ୪୫ ବର୍ଷୀୟ ଧୋନି ଚେନ୍ନାଇ ପାଇଁ ଦ୍ୱିତୀୟ ସର୍ବାଧିକ ରନ ହାସଲକାରୀ କ୍ରିକେଟର ଭାବେ ନିଜର ଅଭିଯାନ ଶେଷ କରିଛନ୍ତି। ସେ ଚେନ୍ନାଇ ପାଇଁ ସର୍ବାଧିକ ୨୭୨ଟି ମ୍ୟାଚ୍ ଖେଳି କରିଛନ୍ତି ୫୩୧୪ ରନ।

ଧୋନି ମେଣ୍ଟର ଦାୟିତ୍ୱ ପାଇଥିବାରୁ ଏବେ ଦଳକୁ କେମିତି ମିନି ଅକ୍ସନ ପାଇଁ ପ୍ରସ୍ତୁତ କରିବାକୁ ପଡ଼ିବ, ତା' ଉପରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇ ପାରନ୍ତି। ପ୍ରଥମଥର ପାଇଁ ତାଙ୍କୁ ଚେନ୍ନାଇର ଅକ୍ସନ ଟେବୁଲରେ ମଧ୍ୟ ଦେଖିବାକୁ ମିଳିପାରେ।

୨୦୦୮ରେ ମୁମ୍ବାଇ ସହ ବିଡିରେ ଟକ୍କର ଦେଇ ଚେନ୍ନାଇ ଧୋନିଙ୍କୁ କିଣିଥିଲା। ପ୍ରଥମ ସଂସ୍କରଣରେ ଧୋନି ନିଜ କ୍ୟାପ୍‌ଟେନ୍ସି ଓ ବ୍ୟାଟିଂ ବଳରେ ଦଳକୁ ଫାଇନାଲ ନେଇଥିଲେ। କିନ୍ତୁ ୨୦୦୮ରେ ଚେନ୍ନାଇକୁ ରାଜସ୍ଥାନ ରୟାଲ୍ସ ଠାରୁ ହାରିବାକୁ ପଡ଼ିଥିଲା। ୨୦୧୦ରେ କିନ୍ତୁ ସେ ଦଳକୁ ଆଇପିଏଲ ଚାମ୍ପିୟନ କରାଇଥିଲେ। ଦଳ ୨୦୧୦ ଚାମ୍ପିୟନ୍ସ ଲିଗକୁ ଯୋଗ୍ୟତା ଅର୍ଜନ କରି ସେଠାରେ ଟାଇଟଲ ଜିତିଥିଲା।

୨୦୧୧ରେ ଚେନ୍ନାଇ କ୍ରମାଗତ ଦ୍ୱିତୀୟ ଥର ପାଇଁ ଜିତିଥିଲା ଆଇପିଏଲ। ୨୦୧୪ରେ ଦଳ ପୁଣି ଚାମ୍ପିୟନ୍ସ ଲିଗ କବଜା କରିଥିଲା। ଚେନ୍ନାଇ ପାଇଁ ପ୍ରଥମ ୮ଟି ସଂସ୍କରଣରେ ୧୨୯ଟି ମ୍ୟାଚ୍‌ରେ ଧୋନି କରିଥିଲେ ୨୯୮୭ ରନ।

ଏହାପରେ ଚେନ୍ନାଇକୁ ଦୁଇ ବର୍ଷ ପାଇଁ ରାଜସ୍ଥାନ ରୟାଲ୍ସ ସହ ନିଲମ୍ବନ କରାଯାଇଥିଲା। ୨୦୧୬ ଓ ୨୦୧୭ରେ ଧୋନି ରାଇଜିଂ ପୁଣେ ସୁପରଜାଏଣ୍ଟସ ପାଇଁ ଖେଳିଥିଲେ। ୨୦୧୮ ବେଳକୁ ସେ ଚେନ୍ନାଇକୁ ପୁଣି ଫେରିଥିଲେ ଓ ପ୍ରାଞ୍ଚାଇଜ ତୃତୀୟ ଆଇପିଏଲ ଟ୍ରଫି ହାତେଇଥିଲା। ୨୦୨୧ରେ ଚେନ୍ନାଇ ୪ର୍ଥ ଥର ଚାମ୍ପିୟନ ବନିବା ସହ ୨୦୨୨ ଅକ୍ସନ ପୂର୍ବରୁ ଧୋନିଙ୍କୁ ୧୨ କୋଟି ଟଙ୍କାରେ ରିଟେନ କରିଥିଲା।

ହେଲେ ଧୋନି ୨୦୨୨ ଆଇପିଏଲ ପୂର୍ବରୁ ହଠାତ୍ ଅଧିନାୟକ ପଦ ଛାଡ଼ି ଦେଇଥିଲେ। ରବୀନ୍ଦ୍ର ଜାଡେଜାଙ୍କ ନେତୃତ୍ୱରେ ଦଳ କିଛି ମ୍ୟାଚ୍ ଖେଳିଥିଲା। କିନ୍ତୁ ଟୁର୍ଣ୍ଣାମେଣ୍ଟ ଅଧାରୁ ଜାଡେଜା କ୍ୟାପ୍‌ଟେନ୍ସି ଛାଡ଼ି ଦେବାରୁ ଧୋନି ପୁଣି ଦାୟିତ୍ୱ ନେଇଥିଲେ। ୨୦୨୩ରେ ଧୋନିଙ୍କ ନେତୃତ୍ୱରେ ଚେନ୍ନାଇ ରେକର୍ଡ ୫ମ ଥର ପାଇଁ ଚାମ୍ପିୟନ ହୋଇଥିଲା।

୨୦୨୪ ଆଇପିଏଲ ବେଳକୁ ଋତୁରାଜ ଗାଏକ୍ୱାଡ ଚେନ୍ନାଇର କ୍ୟାପ୍‌ଟେନ ହୋଇଥିଲେ। ତାଙ୍କ ନେତୃତ୍ୱରେ ଧୋନି ଖେଳିଥିଲେ ହେଁ ଚେନ୍ନାଇ ଆଖି ଦୃଶିଆ ପ୍ରଦର୍ଶନ କରିପାରି ନାହିଁ। ୨୦୨୫ ଆଇପିଏଲ ଅଧାରୁ ଗାଏକ୍ୱାଡ ଆହତ ହେବାରୁ ଧୋନି କିଛି ଦିନ କ୍ୟାପ୍‌ଟେନ୍ସି ମଧ୍ୟ କରିଥିଲେ।

ଟେନିସ୍ ବଲ୍ କ୍ରିକେଟ୍‌ର ମହାକୁମ୍ଭ 'କଳିଙ୍ଗ କପ୍-୨୦୨୭'

ବିଜେତାଙ୍କୁ ୧୦ ଲକ୍ଷ, ଉପବିଜେତାଙ୍କୁ ୬ ଲକ୍ଷ

ଭୁବନେଶ୍ୱର ୧୭।୧୧: : ଗୋପବନ୍ଧୁ କ୍ଲବ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା 'କଳିଙ୍ଗ କପ୍-୨୦୨୭'ର ପଞ୍ଚମ ସଂସ୍କରଣ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ସୋମବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଆୟୋଜକ କମିଟି ପକ୍ଷରୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ଚଳିତ ବର୍ଷ ଏହି ଟେନିସ୍ ବଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ଅଧିକ ବ୍ୟାପକ କରାଯାଇଥିବା ବେଳେ ଓଡ଼ିଶାର ସମସ୍ତ ଜିଲ୍ଲାର ଖେଳାଳିମାନେ ବିନା କୌଣସି ଏଣ୍ଟ୍ରି ଫି'ରେ ଏଥିରେ ଅଂଶଗ୍ରହଣ କରିପାରିବେ।

ଟୁର୍ଣ୍ଣାମେଣ୍ଟର ପଞ୍ଚମ ସଂସ୍କରଣରେ ବିଜେତା ଦଳକୁ ଆକର୍ଷଣୀୟ ଟ୍ରଫି ସହ ୧୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ। ସେହପର ଉପବିଜେତା (ରନର୍ସ-ଅପ୍) ଦଳକୁ ୬ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ। ଏହା ବ୍ୟତୀତ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଆକର୍ଷଣୀୟ ପୁରସ୍କାର ଘୋଷଣା କରାଯାଇଛି। ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି (ମ୍ୟାନ୍ ଅଫ୍ ଦି ସିରିଜ୍)ଙ୍କୁ ଏକ ଚାରିଚକିଆ କାର ପ୍ରଦାନ କରାଯିବାକୁ ଥିବା ବେଳେ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନଙ୍କୁ ବାଇକ୍, ଶ୍ରେଷ୍ଠ ବୋଲରଙ୍କୁ ସ୍କୁଟି ଏବଂ ଫାଇନାଲ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳିଙ୍କୁ ଏକ ସ୍ମାର୍ଟଫୋନ୍ ପ୍ରଦାନ କରାଯିବ। ଖେଳାଳିମାନଙ୍କୁ ତିନୋଟି ଗ୍ରେଡ୍‌ରେ ବିଭକ୍ତ କରାଯାଇ ଗ୍ରେଡ୍ 'ଏ' ପାଇଁ ୧୦ ହଜାର, ଗ୍ରେଡ୍ 'ବି' ପାଇଁ ୮ ହଜାର ଏବଂ ଗ୍ରେଡ୍ 'ସି' ପାଇଁ ୬ ହଜାର ଟଙ୍କା ଲେଖାଏଁ ଧାର୍ଯ୍ୟ କରାଯାଇଛି ।ଟେନିସ୍ ବଲ୍‌ରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟର ଲିଗ୍ ପର୍ଯ୍ୟାୟ ମ୍ୟାଚ୍‌ଗୁଡ଼ିକ ୧୦ ଓଭର ଏବଂ ସେମିଫାଇନାଲ ଓ ଫାଇନାଲ ମ୍ୟାଚ୍ ୧୫ ଓଭର ବିଶିଷ୍ଟ ହେବ। ଗୋପବନ୍ଧୁ କ୍ଲବ ସଭାପତି ଦେବପ୍ରସାଦ ଜେନା, ଅଧକ୍ଷ ଗୌତମ ବେହେରା ଏବଂ ସମ୍ପାଦକ ଜଗତ ଜ୍ୟୋତି ଲେଙ୍କାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଆୟୋଜିତ ହେଉଛି।

ଏହି ଖବରଦାତା ସମ୍ମିଳନୀରେ ଅତିଥି ଭାବେ ଦଗପହଣ୍ଡ ବଧାୟକ ତଥା ବଶଷ୍ଟ ଅଭିନେତା ସବ୍ଧାନ୍ତ ମହାପାତ୍ର, ବରିଷ୍ଠ ଅଭିନେତ୍ରୀ ପୁନମ ମିଶ୍ର, କ୍ୟାପଟେନ ମନ୍ମଥ ରାଉତରାୟ ଏବଂ 'କଳିଙ୍ଗ କପ୍'ର ବ୍ରାଣ୍ଡ ଆମ୍ବାସାଡର ତଥା ଅଭିନେତ୍ରୀ ଭୂମିକା ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଲବର ଏମ୍‌ଡି ମୋସିନ, ସତ୍ୟ ନାରାୟଣ ସେଠୀ, ସମୀର ଦାସ, ନବଘନ ମିଶ୍ର, ଦେବାଶିଷ ପଟ୍ଟନାୟକ, ସୋମନାଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ରାଜନେତା ଏକାଦଶ ଡିସିଏଲ୍ ଫୁଟବଲ୍ କପ୍ ଚାମ୍ପିୟନ



ଭୁବନେଶ୍ୱର,୧୭।୧୧: ଭୁବନେଶ୍ୱରରେ ରବିବାର ଏକ ନିଆରା ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏକ ନମ୍ବର ଫୁଟବଲ୍ ଏକାଡେମୀ ପରିସରରେ ଡିସିଏଲ୍ ପକ୍ଷରୁ ଅନୁଷ୍ଠିତ ହୋଇଥିଲା ଏହି ଟୁର୍ଣ୍ଣାମେଣ୍ଟ। ସମୁଦାୟ ୭ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିବା ବେଳେ ଦୁଇଟି ଗ୍ରୁପ୍‌ରେ ବିଭକ୍ତ ହୋଇ ଏଥିରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଦଳ ଗୁଡିକ ହେଲେ ରାଜନେତା ଏକାଦଶ, ଓଲିଉଡ୍, ଗଣମାଧ୍ୟମ, ଆଇନଜୀବୀ, ଅଗ୍ନିଶମ, ଷଷ୍ଠ ବାଟାଲିୟନ, ପୋଲିସ ଓ ସଚିବାଳୟ।

ପ୍ରଥମ ଗ୍ରୁପ୍‌ର ୪ ଦଳରୁ ପୋଲିସ ଲାଇନ ଓ ଷଷ୍ଠ ବାଟାଲିୟନ ମଧ୍ୟରେ ଅନୁଷ୍ଠିତ ସେମି ଫାଇନାଲ ରେ ପୋଲିସ ଲାଇନ ୨-୦ ଗୋଲରେ ଷଷ୍ଠ ବାଟାଲିୟନକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିବା ବେଳେ ଦ୍ୱତୀୟ ଗ୍ରୁପର ୪ ଦଳ ମଧ୍ୟରୁ ରାଜନେତା ଏକାଦଶ ୨-୦ ଗୋଲରେ ଆଇନଜୀବୀ ଏକାଦଶକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା । ରାଜନେତା ଏକାଦଶ ଫାଇନାଲ ମ୍ୟାଚରେ ପୋଲିସ ଲାଇନକୁ ୨-୦ ରେ ପରାସ୍ତ କରି ଡିସିଏଲ ଚମ୍ପିୟନ ଟ୍ରଫି ହାସଲ କରିଥିଲା। ଏହି ଅବସରରେ ଗତକାଲି ଏକ ଚିତାକର୍ଷକ ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ମହିଳା ସାମ୍ବାଦିକ ଓ ଅଭିନେତ୍ରୀ ଏକାଦଶଙ୍କ ସହ ମଧ୍ୟରେ ଖେଳାଯାଇଥିବା ମ୍ୟାଚ ବହୁତ ଆକର୍ଷଣୀୟ ଥିଲା।

ବିଧାୟକ ଅରୁଣ କୁମାର ସାହୁ, ରମେଶ ଜେନା, ଡ଼ ଫକୀର ମୋହନ ନାୟକ, ସିଦ୍ଧାନ୍ତ ମହାପାତ୍ର, ସୋଫିଆ ଫିରଦୋଷ, ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ, ମହମ୍ମଦ ମୋକିମ, ସମାଜସେବୀ ହିମାଂଶୁ ଭୂଷଣ କର, ଶିବରାଜ ଠାକୁର ପ୍ରମୁଖ ନେତୃବୃନ୍ଦ ଯୋଗଦେଇ ବିଜୟୀ ଦଳକୁ ଏବଂ ରନର୍ସ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଗତକାଲିର ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ବିଧାୟକ ଡ. ଫକୀର ମୋହନ ନାଏକଙ୍କୁ , ଶ୍ରେଷ୍ଠ ଫରୱାର୍ଡ ଭାବେ ପୋଲିସ୍ ଲାଇନ୍ ଏକାଦାସର ସନାତନ ମୁଣ୍ଡା , ଶ୍ରେଷ୍ଠ ମିଡ୍‌ଫିଲ୍ଡର ଆଇନଜୀବୀ ଏକାଦଶର ଅଂଶୁମାନ ରାୟ ,ଶ୍ରେଷ୍ଠ ଡିଫେଣ୍ଡର ଭାବେ ପୋଲିସ ଲାଇନ ଏକାଦଶର ସୁଶାନ୍ତ ମାଝୀ, ଶ୍ରେଷ୍ଠ ଗୋଲକିପର ଭାବେ ହିମାଂଶୁ ମହାପାତ୍ର, ଫେୟାର ପ୍ଲେ ଆୱାର୍ଡ ଭାବେ ଆଇନଜୀବି ଏକାଦଶକୁ ଟ୍ରଫି ପ୍ରଦାନ କରା ଯାଇଥିଲା। ସେହିଭଳି ମହିଳା ପ୍ରଦର୍ଶନୀ ମ୍ୟାଚ୍ ବିଜେତା ଓଲିଉଡ ଅଭିନେତ୍ରୀ ଏକାଦଶ ଦଳର ମାମାଲି ମିଶ୍ରଙ୍କୁ ଶ୍ରେଷ୍ଠ ମହିଳା ଖେଳାଳି ଭାବେ ପୁରସ୍କୃତ କରାଯାଇଥିବା ବେଳେ ଉଭୟ ଦଳକୁ ଟ୍ରଫି ଓ ଖେଳାଳିଙ୍କୁ ପଦକ ପ